
ଓ
ଉପାସନା

ହୁଅ ନା ବେହୁସ୍ ଯେଉଁଠି ବି ଥାଅ
କରିବାକୁ ସନ୍ଧ୍ୟା-ପ୍ରାର୍ଥନା,
କର୍ମରେ ତୁମେ ହେବହିଁ ନିପୁଣ
ଶକ୍ତି ପାଇବ ବର୍ଦ୍ଧନା ।।

(ଅନୁବାଦ) --ଶ୍ରୀଶ୍ରୀଠାକୁର

सान्ध्यप्रार्थनायाः विरमस्व,
यत्र कुत्रापि तिष्ठन्मा
कर्म्मण्येष्यसि धौरीण्यम्
शक्तिं लव्धा वर्द्धना ।।

(अनुवाद) --श्रीश्रीठाकुर

Wherever you may be
stay not away from timely prayer,
your ability will overly grow
and your energy will become greater.

(Translated) --Sree Sree Thakur

ଉପାସନା

ସତ୍ସଙ୍ଗ ପବ୍ଲିଶିଂ ହାଉସ୍

ପ୍ରକାଶକ:
ଡଃ ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ
ସତ୍‌ସଙ୍ଗ ପବ୍ଲିଶିଂ ହାଉସ୍
ପୋ: ସତ୍‌ସଙ୍ଗ, ଦେଓଘର, ଝାଡ଼ଖଣ୍ଡ

© ପ୍ରକାଶକଙ୍କ କର୍ତ୍ତୃକ ସର୍ବସତ୍ୱ ସଂରକ୍ଷିତ ।

୨୨ତମ ସଂସ୍କରଣ, ଜାନୁଆରୀ, ୨୦୧୫
ଅନୁବାଦକ:
ଶ୍ରୀ ଯତୀନ୍ଦ୍ର ମୋହନ ବସୁ
ମୁଦ୍ରକ : ନବପ୍ରେସ୍ ପ୍ରାଇଭେଟ୍ ଲିମିଟେଡ୍
୬୬, ଗ୍ରେ ଷ୍ଟ୍ରୀଟ୍
କୋଲକାତା-୭୦୦ ୦୦୬

ମୂଲ୍ୟ : ୨ ଟଙ୍କା ମାତ୍ର

UPASANA (Odia)
22nd edition, Jannuary, 2015
Price- ₹ 2.00

ଭୂମିକା

ତ୍ରୟୋଦଶ ସଂସ୍କରଣ

ଭକ୍ତଗଣଙ୍କ ସୁବିଧାର୍ଥେ କିଛି ଅଂଶର ପୁନର୍ବିନ୍ୟାସ କରି ଉପାସନା ପୁସ୍ତିକାଟିର ତ୍ରୟୋଦଶ ସଂସ୍କରଣ ପ୍ରକାଶିତ ହେଲା ।

କାଗଜର ମୂଲ୍ୟ ଅନେକ ବଢ଼ିଯିବା ସତ୍ତ୍ୱେ ଦାମ୍ ଏକା ରଖାଯାଇଛି ।

ସତ୍‌ସଙ୍ଗ, ଦେଓଘର — ପ୍ରକାଶକ
୯-୧-୧୯୯୭

ଭୂମିକା

୨୨ତମ ସଂସ୍କରଣ

ବର୍ତ୍ତମାନ ସଂସ୍କରଣରେ ଭାରତ, ନେପାଳ ଓ ଭୂଟାନ୍‌ର ପ୍ରାର୍ଥନାର ପରିବର୍ତ୍ତିତ ସମୟ ସାରଣି ଯୁକ୍ତ ହେଲା ।

ପୃଷ୍ଠାର ସଂଖ୍ୟା ଓ କାଗଜର ମୂଲ୍ୟ ଉଭୟ କ୍ଷେତ୍ରରେହିଁ ବୃଦ୍ଧି ହୋଇଥିବାରୁ ଅନିଚ୍ଛାକୃତ ହେଲେ ମଧ୍ୟ ଦାମ୍ ୨ଟଙ୍କା କରାଗଲା ।

ସତ୍‌ସଙ୍ଗ, ଦେଓଘର — ଡଃ ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ
୯ ଜାନୁଆରୀ, ୨୦୧୫

ନିବେଦନ

ଓଡ଼ିଶାର ସତ୍‌ସଙ୍ଗୀ ଭାଇ ଓ ମା' ମାନେ ଦୀକ୍ଷାଗ୍ରହଣ ପରେ ପ୍ରାର୍ଥନା – ପଦ୍ଧତି ଓ କେତେକ ପାଳନୀୟ – ପଦ୍ଧତି ଓ କେତେକ ଅବଶ୍ୟ ପାଳନୀୟ – ନୀତିସମୂହ ଯେପରି ଜାଣିପାରିବେ, ଏପରି ଏକ ପୁସ୍ତିକା ଓଡ଼ିଆ ଭାଷାରେ ପ୍ରକାଶ କରିବାକୁ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କର ବହୁ ଦିନରୁ ଇଚ୍ଛା ଥିଲା ।

ଆଜି ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ପବିତ୍ର ଶୁଭ ଆବିର୍ଭାବ ଦିବସ ତାଳ–ନବମୀ ତିଥି ଅଶୀତିତମ ଜନ୍ମ – ମହୋତ୍ସବରେ ପରମପୂଜ୍ୟପାଦ ବଡ଼ଦାଙ୍କ ଆଦେଶ ଓ ଆଶୀର୍ବାଦ କ୍ରମେ ତାଙ୍କର ମହତୀ ଇଚ୍ଛା ପୂରଣରେ ଏହି 'ଉପାସନା' ପୁସ୍ତିକାଟିର ଓଡ଼ିଆ ଅନୁବାଦ ତାଙ୍କରି ଶ୍ରୀହସ୍ତରେ ଅର୍ପଣ କରି ନିଜକୁ ଧନ୍ୟ ଓ କୃତାର୍ଥ ମନେ କରୁଛି ।

ବିନୀତ–

ଶ୍ରୀ ଯତୀନ୍ଦ୍ର ମୋହନ ବସୁ

ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ–ଠକିଯିବ : ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ରବି ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କିଦେଲେ ତାହାହିଁ ପାଇବ ।

–ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଆଦେଶରେ ଇଂ ୧୯୬୫ ସନଠାରୁ ପ୍ରାର୍ଥନାରେ କେବଳ ମାତ୍ର ବିନତି ଓ ସଦ୍‌ଗୁରୁ ବନ୍ଦନା ହୁଏ।

(୧)
ପ୍ରାତଃକାଳୀନ ବିନତି

ରାଧାସ୍ୱାମୀ ନାମ । ଜୋ ଗାଓୟେ, ସୋଇ ତରେ ।।
କଲ କଲେଶ ସବ୍ ନାଶ ।
ସୁଖ ପାଓୟେ ସବ ଦୁଃଖ ହରେ ।୧।।
ଅ୍ୟାୟସା ନାମ ଅପାର ।
କୋଇ ଭେଦ ନ ଜାନଈ ।।
ଜୋ ଜାନେ ସୋ ପାର ।
ବହୁରି ନ ଜଗମେଁ ଜନମଈ ।୨।।
ରାଧାସ୍ୱାମୀ ଗାୟକର ।
ଜନମ ସୁଫଳ କର୍‌ଲେ ।।
ୟହୀ ନାମ ନିଜ ନାମ ହ୍ୟାୟ ।
ମନ ଅପନେ ଧର୍‌ଲେ ।୩।।
ବୈଠକ ସ୍ୱାମୀ ଅଦ୍‌ଭୁତୀ ।
ରାଧା ନିରଖ ନିହାର ।।
ଔର ନ କୋଇ ଲଖ ସକେ ।
ଶୋଭା ଅଗମ ଅପାର ।୪।।
ଗୁପ୍ତ ରୂପ ଜହଁ ଧାରିୟା ।
ରାଧାସ୍ୱାମୀ ନାମ ।।
ବିନା ମେହର ନହିଁ ପାଓଇ ।
ଜହାଁ କୋଇ ବିଶ୍ରାମ ।୫।।

କରୁଁ ବନ୍ଦଗୀ ରାଧାସ୍ୱାମୀ ଆଗେ ।
ଜିନ୍ ପରତାପ ଜୀଓ ବହୁ ଜାଗେ ।୬।।
ବାରମ୍ବାର କରୁଁ ପରଣାମ ।
ସତଗୁରୁ ପଦମ ଧାମ ସତ୍‌ନାମ ।୭।।
ଆଦି ଅନାଦି ଯୁଗାଦି ଅନାମ ।
ସନ୍ତ ସ୍ୱରୂପ ଛୋଡ଼୍‌ନିଜ ଧାମ ।୮।।
ଆୟେ ଭୌଜଲ ନାଓ ଲଗାଇ ।
ହମ୍‌ସେ ଜୀଓନ ଲିୟା ଚଢ଼ାଇ ।୯।।
ଶବ୍ଦ ଦୃଢ଼ାୟା ସୁରତ ବତାଇ ।
କରମ ଭରମ ସେ ଲିୟା ବଚାଇ ।୧୦।।
କୋଟି କୋଟି କରୁଁ ବନ୍ଦନା,
ଅରବ ଖରବ ଦଣ୍ଡୌତ ।
ରାଧାସ୍ୱାମୀ ମିଲ୍ ଗୟେ, ଖୁଲା ଭକ୍ତିକା ସୋତ ।୧୧।।
ଭକ୍ତି ସୁନାଇ ସବ୍‌ସେ ନ୍ୟାରୀ ।
ବେଦ କତେବ ନ ତାହି ବିଚାରୀ ।୧୨।।
ସତ୍ତପୁରୁଷ ଚୌଥେ ପଦ ବାସା ।
ସନ୍ତନ କା ଓହାଁ ସଦା ବିଲାସା ।୧୩।।
ସୋ ଘର ଦରସାୟା ଗୁରୁ ପୂରେ ।
ବୀନ ବଜେ ଜହଁ ଅଚରଜ ତୂରେ ।୧୪।।

ଆଗେ ଅଲଖ ପୁରୁଷ ଦରବାରା ।
ଦେଖା ଜାୟ ସୁରତ ସେ ସାରା ।୧୫।
ତିସ୍ ପର ଅଗମ ଲୋକ ଇକ ନ୍ୟାରା ।
ସନ୍ତ ସୁରତ କୋଇ କରତ ବିହାରା ।୧୬।
ତହାଁ ସେ ଦରସେ ଅଟଲ ଅଟାରୀ ।
ଅଦ୍ଭୁତ ରାଧାସ୍ୱାମୀ ମହଲ ସଁୱାରୀ ।୧୭।
ସୁରତ ହୁଇ ଅତିକର୍ ମଗନାନୀ ।
ପୁରୁଷ ଅନାମୀ ଜାୟ ସମାନୀ ।୧୮।

ଓଡ଼ିଆ ଅନୁବାଦ :—

ରାଧାସ୍ୱାମୀ - ନାମ ଯେ ଗାଏ ସେ ତରିଯାଏ । କାଳର କ୍ଲେଶ ସବୁ ନାଶ ହୁଏ, ସୁଖ ପାଏ, ସମସ୍ତ ଦୁଃଖ ଦୂରହୁଏ । ଏହି ଅପାର ନାମର ରହସ୍ୟ କେହି ଜାଣେ ନା – ଯେ ଜାଣେ ସେ ପାର ହୁଏ, ପୁନରାୟ ଜଗତରେ ଜନ୍ମ ହୁଏ ନା । ''ରାଧାସ୍ୱାମୀ'' ଗାଇ କରି ଜନ୍ମ ସଫଳ କର । ଏହି ନାମ ଆଦି ନାମ, ନିଜ ମନରେ ଧରି ନିଅ ।

ସ୍ୱାମୀଙ୍କ ଅଦ୍ଭୁତ ସିଂହାସନ ରାଧା ପୂର୍ଣ୍ଣ ଭାବରେ ନିରୀକ୍ଷଣ କରନ୍ତି । ଅନ୍ୟ କେହି ଏହି ଅଗମ ଓ ଅପାର ଶୋଭା ଦେଖିପାରେ ନାହିଁ । ଯେଉଁଠାରେ ରାଧାସ୍ୱାମୀ ନାମ ଗୁପ୍ତରୂପ ଧାରଣ କରିଛନ୍ତି, ତାଙ୍କରି-ଦୟା ଭିନ୍ନ ସେଠାରେ କେହି ବିଶ୍ରାମ ପାଏନା।

ଯାହାଙ୍କ ପ୍ରତାପରେ ବହୁ ଜୀବ ଜାଗରିତ ହୁଏ, ସେହି ରାଧାସ୍ୱାମୀଙ୍କ ସମ୍ମୁଖରେ ବନ୍ଦନା କରୁଛି । ସଦ୍‌ଗୁରୁଙ୍କ ପାଦପଦ୍ମରେ, ସତ୍ୟଧାମ ଓ ସତ୍ୟନାମକୁ ପୁନଃ ପୁନଃ ପ୍ରଣାମ କରୁଛି । ଆଦି, ଅନାଦି ଓ ଅନାମୀ ସନ୍ତସ୍ୱରୂପ ନିଜ ଧାମ ଛାଡ଼ି ଆସି ଭବସାଗରରେ ନୌକା ଲଗାଇଛନ୍ତି ଓ ମୋ ପରି ଜୀବ ସମସ୍ତଙ୍କୁ ସେଥିରେ ଚଢ଼ାଉଛନ୍ତି ଏବଂ 'ଶବ୍ଦ'ରେ ବିଶ୍ୱାସ କରାଇ ଓ ସୁରତର କଥା ଶୁଣାଇ ଭ୍ରମ—କର୍ମରୁ ରକ୍ଷା କରୁଛନ୍ତି । କୋଟି କୋଟି ବାର ବନ୍ଦନା କରୁଛି, ଅସଂଖ୍ୟ ବାର ଦଣ୍ଡବତ ଜଣାଉଛି – ରାଧାସ୍ୱାମୀଙ୍କୁ ପାଇ ଭକ୍ତିର ଭଣ୍ଡାର ଖୋଲିଛି । ବେଦ, ପୁରାଣ ପ୍ରଭୃତି ଯେଉଁ ଭକ୍ତିର କଥା କହି ନାହିଁ – ଏପରି ଅନନ୍ୟ ଭକ୍ତିର କଥା ଶୁଣାଇଛନ୍ତି । ସତ୍ୟପୁରୁଷଙ୍କର ଧାମ ଚତୁର୍ଥ ପଦରେ – ଯେଉଁଠାରେ ଆଶ୍ଚର୍ଯ୍ୟ ଶବ୍ଦରେ ବୀଣାଧ୍ୱନୀ ହେଉଅଛି – ସେହିଠାରେହିଁ ସନ୍ତଗଣ ସଦା ବିଳାସ କରନ୍ତି । ପୂର୍ଣ୍ଣଗୁରୁ ସେହି ଘରକୁ ଦେଖାଇଛନ୍ତି । ସମ୍ମୁଖରେ ଅଲଖ ପୁରୁଷଙ୍କ ଦରବାର, ସୁରତ ତତ୍ତ୍ୱବସ୍ତୁ ଦେଖିପାରେ । ତାହା ପରେ ଅଗମ ପୁରୁଷଙ୍କ ଦରବାର – ଯେଉଁଠାରେ କୌଣସି କୌଣସି ସନ୍ତସୁରତ ବିହାର କରନ୍ତି – ସେହିଠାରୁ ଅବିନାଶୀ ''ରାଧାସ୍ୱାମୀ'' ମହଲ ଦେଖି ସେଠାରେ ପ୍ରବେଶ କରେ ଏବଂ ସୁରତ ଅତ୍ୟନ୍ତ ମଗ୍ନ ହୋଇ ଅନାମୀ ପୁରୁଷରେ ବିଲୀନ ହୋଇଯାଏ ।

(୨)

ସନ୍ଧ୍ୟାକାଳୀନ ବିନତି

ବାର ବାର କରୁଁ ବିନତୀ, ରାଧାସ୍ୱାମୀ ଆଗେ ।
ଦୟା କରୋ ଦାତା ମେରେ, ଚିତ ଚରଣ ନ ଲାଗେ ॥୧॥
ଜନମ ଜନମ ରହୀ ଭୂଲ ମେଁ, ନହିଁ ପାୟା ଭେଦା ।
କାଲ କରମକେ ଜାଲ ମେଁ ରହି ଭୋଗତ ଖେଦା ॥ ୨॥
ଜଗତ ଜୀଓ ଭରମତ ଫିରେଁ, ନିତ ଚାରୋଁ ଖାନୀ ।
ଜ୍ଞାନୀ ଯୋଗୀ ପିଲ୍ ରହେ, ସବ ମନ କୀ ଘାନୀ ॥୩॥
ଭାଗ୍ ଜଗା ମେରା ଆଦିକା, ମିଲେ ସତ୍‌ଗୁରୁ ଆଈ ।
ରାଧାସ୍ୱାମୀ ଧାମ କା, ମୋହି ଭେଦ ଜନାଈ ॥୪॥
ଊଁଚା ସେ, ଊଁଚା ଦେଶ ହ୍ୟାୟ, ଓହ ଅଧର ଠିକାନୀ ।
ବିନା ସନ୍ତ ପାଓୟେ ନହୀଁ, ସୁର୍ତି ଶବ୍ଦ ନିଶାନୀ ॥୫॥
ରାଧାସ୍ୱାମୀ ନାମ୍ କୀ, ମୋହିଁ ମହିମା ସୁନାଈ ।
ବିରହ ଅନୁରାଗ ଜଗାୟ କେ, ଘର ପହୁଁଚୁଁ ଭାଈ ॥୬॥
ସାଧ ସଙ୍ଗ କର ସାର ରସ, ମୈଁୟନେ ପିୟା ଅଘାଈ ।
ପ୍ରେମ ଲଗା ଗୁରୁ ଚରଣ ମେଁ, ମନ ଶାନ୍ତି ନ ଆଈ ॥୭॥
ତଡ଼ପ ଉଠେ ବେକଲ ରହୁଁ, କସ ପୟା ଘର ଯାଈ ।
ଦରଶନ ରସ ନିତ ନିତ ଲହୁଁ, ଗହେ ମନ ଥିରତାଈ ॥୮॥
ସୁରତ ଚଢ଼େ ଆକାଶ ମେଁ, କରେ ଶବ୍ଦ ବିଲାସା ।

ଧାମ ଧାମ ନିରଖତ ଚଲେ, ପାଓୟେ ନିଜ ଘର ବାସା ।।୯।।
ଇୟହ୍ ଆସା ମେରେ ମନ ବସେ, ରହେ ଚିତ୍ତ ଉଦାସା ।
ବିନ୍ୟ ସୁନୋ କିର୍‌ପା କରୋ, ଦୀଜେ ଚରଣ ନିବାସା ।।୧୦।।
ତୁମ୍ ବିନ କୋଇ ସମରଥ ନହୀଁ, ଜାସେ ମାଁଗୁଁ ଦାନା ।
ପ୍ରେମଧାର ବରଖା କରୋ, ଖୋଲୋ ଅମୃତ ଖାନା ।।୧୧।।
ଦୀନଦୟାଲ ଦୟା କରୋ, ମେରେ ସମରଥ ସ୍ୱାମୀ ।
ଶୁକର କରୁଁ ଗାଓତ ରହୁଁ, ନିତ ରାଧାସ୍ୱାମୀ ।।୧୨।।

ଓଡ଼ିଆ ଅନୁବାଦ :—

ରାଧାସ୍ୱାମୀଙ୍କ ସମ୍ମୁଖରେ ବାର ବାର ବିନତି କରେ । ହେ ଦାତା ! ମୋତେ ଦୟାକର – ଯେପରି ଚରଣରେ ଚିତ୍ତ ଲାଗିରହେ । ଜନ୍ମ-ଜନ୍ମ ଭୁଲ ଭିତରେ ଥାଇ ତତ୍ତ୍ୱ ପାଇନାହିଁ– କାଳ ଏବଂ କର୍ମର ଜାଲରେ ପଡ଼ି ଦୁଃଖ ଭୋଗ କରୁଛି । ଜଗତର ଜୀବସବୁ ସର୍ବଦା ଚତୁର୍ବିଧ ଅବସ୍ଥାରେ (ସ୍ୱେଦଜ, ଅଣ୍ଡଜ, ଜରାୟୁଜ ଓ ଉଦ୍ଭିଦଜ) ଘୁରି ଘୁରି ବୁଲନ୍ତି । ଜ୍ଞାନୀ ଓ ଯୋଗୀ ସମସ୍ତେ ମନର ଘଣାରେ ଘୁରନ୍ତି । ମୋର ଆଦି ଭାଗ୍ୟ ଜାଗ୍ରତ ହୋଇଛି–ସଦ୍‌ଗୁରୁ ପାଇଛି । ରାଧାସ୍ୱାମୀ ଧାମର ମର୍ମ ମୋତେ ଜଣାଇଛନ୍ତି । ସେହି ଦେଶ ଉଚ୍ଚରୁ ଉଚ୍ଚ ଏବଂ ଏହା ସର୍ବୋଚ୍ଚ ସ୍ଥାନ । ସନ୍ତ ବ୍ୟତୀତ ଅନ୍ୟ କେହି ସୁରତ ଶବ୍ଦର ସନ୍ଧାନ ପାଏନାହିଁ । ରାଧାସ୍ୱାମୀ-ନାମର ମହିମା ମୋତେ ଶୁଣାଇଛନ୍ତି । ବିରହ ଏବଂ ଅନୁରାଗ ଜାଗ୍ରତ କରି ମୋତେ ଘରେ

ପହଞ୍ଚାଇଛନ୍ତି । ସାଧୁସଙ୍ଗ କରି ମୁଁ ସାର ରସ ଆକଣ୍ଠ ପାନ କରିଛି । ଗୁରୁଙ୍କର ଚରଣରେ ମୋର ପ୍ରେମ ଜାଗ୍ରତ ହୋଇଛି– କିନ୍ତୁ ମନ ଶାନ୍ତ ହୋଇ ନାହିଁ । କି ପ୍ରକାରେ ମୁଁ ପ୍ରିୟତମଙ୍କ ଘରକୁ ଯିବି, ନିତ୍ୟ ତାଙ୍କୁ ଦର୍ଶନ କରିବି ଏବଂ ମନ ସ୍ଥିର ହେବ– ଏହି ଚିନ୍ତାରେ ମନ ବ୍ୟସ୍ତ ଓ ବ୍ୟାକୁଳ । ସୁରତ ଆକାଶରେ ଉଠି ଶବ୍ଦର ବିଳାସ ଭୋଗ କରେ । ଧାମ ପରେ ଧାମ ଦେଖୁ ଦେଖୁ ନିଜ ଘରେ ବସା ପାଏ । ଏହି ଆଶା ମୋ ମନରେ ଯେପରି ସ୍ଥାନ ପାଏ, ଚିତ୍ତ ଉଦାସ ରହେ । ମୋର ବିନତି ଶୁଣ, ଦୟା କରି ଚରଣରେ ସ୍ଥାନ ଦିଅ । ତୁମ ଭିନ୍ନ ସମର୍ଥ ପୁରୁଷ ଆଉ କେହି ନାହିଁ–ଯାହାଙ୍କ ନିକଟରେ ରହି ଦାନ ଭିକ୍ଷା କରିବି । ପ୍ରେମର ଧାରା ବର୍ଷଣ କର, ଅମୃତ ଭଣ୍ଡାର ଖୋଲି ଦିଅ । ହେ ଦୀନଦୟାଲ ସର୍ବଶକ୍ତିମାନ ପ୍ରଭୁ ! ଦୟାକର, କୃତଜ୍ଞତାର ସହିତ ନିତ୍ୟ ରାଧାସ୍ୱାମୀ ନାମ ଯେପରି ଗାନ କରେ ।

(୩)

ପ୍ରାତଃ ଓ ସନ୍ଧ୍ୟାକାଳୀନ ବିନତି

ବାର ବାର କର ଜୋଡ଼ କର, ସବିନୟ କରୁଁ ପୁକାର ।
ସାଧ ସଙ୍ଗ ମୋହି ଦେଓ ନିତ, ପରମ ଗୁରୁ ଦାତାର ।।୧।।
କୃପାସିନ୍ଧ ସମରଥ ପୁରଷ, ଆଦି ଅନାଦି ଅପାର ।
ରାଧାସ୍ୱାମୀ ପରମ ପିତୁ, ମୈଁୟ ତୁମ୍ ସଦା ଅଧାର ।।୨।।

ବାର ବାର ବଲ ଜାଉଁ, ତନ ମନ ଓୟାରୁଁ ଚରଣ ପର୍ ।
କ୍ୟା ମୁଖ୍ ଲେ ମୈଁୟ ଗାଉଁ, ମେହର କରୀ ଜସ୍ କୃପା କର୍ ।।୩।।
ଧନ୍ୟ ଧନ୍ୟ ଗୁରୁଦେଓ, ଦୟାସିନ୍ଧୁ ପୂରଣ ଧନୀ ।
ନିତ କରୁଁ ତୁମ୍ ସେଓ, ଅଚଲ ଭକ୍ତି ମୋହି ଦେଓ ପ୍ରଭୁ ।।୪।।
ଦୀନ ଅଧୀନ ଅନାଥ, ହାଥ ଗହା ତୁମ୍ ଆନ କର୍ ।
ଅବ ରାଖୋ ନିତ ସାଥ ଦୀନ ଦୟାଲ କୃପାନିଧି ।।୫।
କାମ କ୍ରୋଧ ମଦ ଲୋଭ, ସବ ବିଧି ଅବଗୁଣ ହାର ମୈଁୟ ।
ପ୍ରଭୁ ରାଖୋ ମେରି ଲାଜ, ତୁମ୍ ଦ୍ୱାରେ ଅବ ମୈଁୟ ପଡ଼ା ।।୬।।
ରାଧାସ୍ୱାମୀ ଗୁରୁ ସମରଥ, ତୁମ୍ ବିନ୍ ଆଓରା ନ ଦୁସ୍ରା ।
ଅବ କରୋ ଦୟା ପରତକସ, ତୁମ୍ ଦର ଏତୀ ବିଲମ୍ବ କେଁଓ ।।୭।।
ଦୟା କରୋ ମେରେ ସାଇୟାଁ, ଦେଓ ପ୍ରେମ କୀ ଦାତ ।
ଦୁଃଖ ସୁଖ କଛୁ ବ୍ୟାପେ ନହୀଁ, ଛୁଟେ ସବ ଉତ୍ପାତ ।। ୮ ।।

ଓଡ଼ିଆ ଅନୁବାଦ :—

ହାତ ଯୋଡ଼ି କରି ବିନୟର ସହିତ ବାରମ୍ବାର ପ୍ରାର୍ଥନା କରୁଛି । ହେ ପରମ ଗୁରୁ ଦାତା ! ମୋତେ ନିତ୍ୟ ସାଧୁସଙ୍ଗ ଦିଅ । ହେ ସର୍ବଶକ୍ତିମାନ କୃପାସିନ୍ଧୁ ପୁରୁଷ ! ତୁମେହିଁ ଆଦି, ଅନାଦି ଓ ଅପାର । ହେ ରାଧାସ୍ୱାମୀ ପରମପିତା ! ତୁମେ ସର୍ବଦାହିଁ ମୋର ଅବଲମ୍ବନ । ପୁନଃ ପୁନଃ କହେ— ତୁମ ଚରଣରେ ଦେହ ମନ ଅର୍ପଣ କରୁଅଛି । ତୁମେ ଅନୁଗ୍ରହ କରି ଯେ ପ୍ରକାରେ ମୋତେ

କୃପା କରୁଛ – ତାହା ମୁହଁରେ ମୁଁ କିପରି ବର୍ଣ୍ଣନା କରିବି ! ହେ ଦୟାସିନ୍ଧୁ ପୂର୍ଣ୍ଣଧନି ଗୁରୁଦେବ ! ତୁମେହିଁ ଧନ୍ୟ ପ୍ରଭୁ ! ମୁଁ ନିତ୍ୟ ତୁମର ସେବା କରେ, ତୁମେ ମୋତେ ଅଚଳା ଭକ୍ତି ଦିଅ । ମୁଁ ଦୀନ, ଅଧୀନ ଓ ଅନାଥ ; ତୁମେ ଆସି ମୋର ହାତ ଧରିଛ । ହେ ଦୀନଦୟାଲ କୃପାନିଧି ! ବର୍ତ୍ତମାନ ତୁମେ ମୋତେ ନିତ୍ୟ ସଙ୍ଗରେ ରଖ । କାମ, କ୍ରୋଧ, ମଦ, ଲୋଭ ଇତ୍ୟାଦି ସବୁ ପ୍ରକାର ଅବଗୁଣରେ ମୁଁ ବଶୀଭୂତ । ହେ ପ୍ରଭୁ ! ମୋର ଲଜ୍ଜା ରକ୍ଷାକର, ମୁଁ ତୁମ ଦ୍ୱାରରେ ପଡ଼ିଅଛି । ହେ ସର୍ବଶକ୍ତିମାନ୍ ଗୁରୁ ରାଧାସ୍ୱାମୀ ! ତୁମ ଭିନ୍ନ ମୋର ଆଉ ଦ୍ୱିତୀୟ କେହି ନାହିଁ । ବର୍ତ୍ତମାନ ପ୍ରତ୍ୟକ୍ଷ ଭାବରେ ଦୟାକର । ତୁମ ଦ୍ୱାରରେ ଏତେ ବିଳମ୍ବ କାହିଁକି ? ହେ ମୋର ପ୍ରଭୁ ! ମୋତେ ଦୟା ଓ ପ୍ରେମ ଦାନ କର । ସୁଖ-ଦୁଃଖ କିଛି ହେଲେ ଯେପରି ମୋତେ ସ୍ପର୍ଶ ନ କରେ— ସମସ୍ତ ଉତ୍ପାତ ଚାଲିଯାଏ ।

(୪)

ସଦ୍‌ଗୁରୁ-ବନ୍ଦନା

ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁର୍ଗୁରୁର୍ଦେବୋ ମହେଶ୍ୱରଃ ।
ଗୁରୁରେବ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ।।

ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ ।
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥
ଅଜ୍ଞାନତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥
ସ୍ଥାବରଂ ଜଙ୍ଗମଂ ବ୍ୟାପ୍ତଂ ଯେନ କୃତ୍ସ୍ନଂ ଚରାଚରମ୍ ।
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥
ଚିଦ୍ରୂପେଣ ପରିବ୍ୟାପ୍ତଂ ତ୍ରୈଲୋକ୍ୟଂ ସଚରାଚରମ୍ ।
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥
ନ ଗୁରୋରଧିକଂ ତତ୍ତ୍ୱଂ ନ ଗୁରୋରଧିକଂ ତପଃ ।
ତତ୍ତ୍ୱଜ୍ଞାନାତ୍ ପରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ॥
ମନ୍ନାଥଃ ଶ୍ରୀଜଗନ୍ନାଥୋ ମଦ୍‌ଗୁରୁଃ ଶ୍ରୀଜଗଦ୍‌ଗୁରୁଃ ।
ମଦାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀଗୁରବେ ନମଃ ॥
ଗୁରୁରାଦିରନାଦିଶ୍ଚ ଗୁରୁଃ ପରମଦୈବତମ୍ ।
ଗୁରୋଃ ପରତରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ॥
ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିମ୍
ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦି ଲକ୍ଷ୍ୟମ୍ ।
ଏକଂ ନିତ୍ୟଂ ବିମଳମଚଳଂ ସର୍ବଧୀ ସାକ୍ଷୀଭୂତମ୍
ଭାବାତୀତଂ ତ୍ରିଗୁଣରହିତଂ ସଦ୍‌ଗୁରୁଂ ତ୍ୱଂ ନମାମି ॥

ଓଡ଼ିଆ ଅନୁବାଦ :-

ଗୁରୁହିଁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁହିଁ ଦେବ ମହେଶ୍ୱର, ଗୁରୁ ପରମବ୍ରହ୍ମ ମଧ - ସେଇ ଶ୍ରୀଗୁରୁଙ୍କୁ ପ୍ରଣାମ କରେ ।

ଅଖଣ୍ଡମଣ୍ଡଳାକାରରେ ଯିଏ ଚରାଚରରେ ପରିବ୍ୟାପ୍ତ ତାଙ୍କର ସ୍ୱରୂପ ଦର୍ଶନ କରାନ୍ତି ଯିଏ ସେଇ ଶ୍ରୀଗୁରୁଙ୍କୁ ପ୍ରଣାମ କରେ ।

ଅଜ୍ଞାନତାର ତିମିରରେ ଆବୃତ ଲୋକର ଚକ୍ଷୁ ଜ୍ଞାନ- ଶଳାକା ଦ୍ୱାରା ଉନ୍ମୀଳନକାରୀ ଶ୍ରୀଗୁରୁଙ୍କୁ ପ୍ରଣାମ କରେ ।

ଯିଏ ଏଇ ଚରାଚର ସ୍ଥାବର ଜଙ୍ଗମରେ ବ୍ୟାପ୍ତ, ତାଙ୍କର ସ୍ୱରୂପ ଦର୍ଶନ କରାନ୍ତି ଯିଏ ସେଇ ଶ୍ରୀଗୁରୁଙ୍କୁ ପ୍ରଣାମ କରେ ।

ଯିଏ ତ୍ରିଲୋକରେ ଚରାଚରରେ ଚେତନାରୂପେ ପରିବ୍ୟାପ୍ତ ତାଙ୍କର ସ୍ୱରୂପ ଦର୍ଶନ କରାନ୍ତି ଯିଏ ସେଇ ଶ୍ରୀଗୁରୁଙ୍କୁ ପ୍ରଣାମ କରେ ।

ଗୁରୁଙ୍କଠାରୁ ଅଧିକ ତତ୍ତ୍ୱ ନାହିଁ, ଗୁରୁଙ୍କଠାରୁ ଅଧିକ ତପସ୍ୟା ନାହିଁ, ତତ୍ତ୍ୱଜ୍ଞାନର ପରେ କିଛି ନାହିଁ; ତାର ପ୍ରଦାତା ଶ୍ରୀଗୁରୁଙ୍କୁ ପ୍ରଣାମ କରେ ।

ମୋର ପ୍ରଭୁ ଜଗତର ପ୍ରଭୁ, ମୋର ଗୁରୁ ଜଗତର ଗୁରୁ, ମୋର ଆତ୍ମା ସର୍ବଭୂତର ଆତ୍ମା, ଏଇ ଜ୍ଞାନଦାତା ଶ୍ରୀଗୁରୁଙ୍କୁ ପ୍ରଣାମ କରେ ।

ଗୁରୁହିଁ ଆଦି ଏବଂ ଅନାଦି, ଗୁରୁହିଁ ପରମ ଦେବତା, ତାଙ୍କ ଅପେକ୍ଷା ଶ୍ରେଷ୍ଠ କେହି ନୁହେଁ; ସେଇ ଶ୍ରୀଗୁରୁଙ୍କୁ ପ୍ରଣାମ କରେ ।

ପରମ ସୁଖଦ ବ୍ରହ୍ମଜ୍ଞାନଦାତା, ଅଦ୍ୱିତୀୟ, ଜ୍ଞାନର ପ୍ରତିମୂର୍ତ୍ତି ସର୍ବଦ୍ୱନ୍ଦ୍ୱର ଅତୀତ, ଆକାଶ ସଦୃଶ ''ତୁମେହିଁ ସେଇ'' ବୋଧ ଜାଗ୍ରତକାରୀ ଏକ, ନିତ୍ୟ ବର୍ତ୍ତମାନ, ବିମଳ, ଅଚଞ୍ଚଳ ସକଳ ଧୀଶକ୍ତିର ସାକ୍ଷୀ ଯିଏ ସେଇ ଭାବାତୀତ ତ୍ରିଗୁଣରହିତ ସଦ୍‌ଗୁରୁ ତୁମକୁ ପ୍ରଣାମ କରେ ।

ଜୟ ରାଧେ ରାଧେ କୃଷ୍ଣ କୃଷ୍ଣ
ଗୋବିନ୍ଦ ଗୋବିନ୍ଦ ବଲ ରେ ।
ରାଧେ ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ
ଗୋବିନ୍ଦ ବ'ଲେ ସଦା ଡାକ ରେ ।
ଛାଡ଼ରେ ମନ କପଟ ଚାତୁରି
ବଦନେ ବଲ ହରି ହରି

ହରି ନାମ ପରମ ବ୍ରହ୍ମ ଜୀବେର ମୂଲ ଧର୍ମ
ଅଧର୍ମ କୁକର୍ମ ଛାଡ଼ ରେ ।
ଛାଡ଼ରେ ମନ ଭବେର ଆଶା
ଅଜପା ନାମେ କର ରେ ନେଶା,
ରାଧେ ଗୋବିନ୍ଦ ନାମଟି ବଦନେ ଲଇଯେ
ନୟନ-ନୀରେ ସଦା ଭାସ ରେ ।

—ଶ୍ରୀଶ୍ରୀଠାକୁର

ଯଜନ, ଯାଜନ, ଇଷ୍ଟଭୃତି

ଯଜନ, ଯାଜନ, ଇଷ୍ଟଭୃତି— ପ୍ରତ୍ୟେକ ସତ୍‌ସଙ୍ଗୀ ମାତ୍ରେହିଁ ଅବଶ୍ୟ ପାଳନୀୟ,. ନିତ୍ୟ ବ୍ରତ । ସଦାଚାରସମ୍ପନ୍ନ ହୋଇ ନିଷ୍ଠା ଓ ଅନୁରାଗର ସହିତ ଇଷ୍ଟଙ୍କର ନାମଧ୍ୟାନପରାୟଣ ହୋଇ ଚଳିବା, ଅନୁସନ୍ଧିତ୍ସୁ ସେବା ଓ ସାହଚର୍ଯ୍ୟର ସହିତ

ପାରିପାର୍ଶ୍ୱିକଙ୍କ ଭିତରେ ତାଙ୍କର ଗୁଣାନୁକୀର୍ତ୍ତନ କରିବା—ଆଉ, ଇଷ୍ଟଭରଣ ମଧ୍ୟଦେଇ ନିଜର ସର୍ବଶକ୍ତି ଇଷ୍ଟଙ୍କଠାରେ କେନ୍ଦ୍ରାୟିତ କରି ସତ୍ତାକୁ ଅତୁଟ କରି ତୋଳିବା—ଏହାହିଁ ଯଜନ, ଯାଜନ, ଇଷ୍ଟଭୃତି । କିନ୍ତୁ ସବୁକିଛିର ମୂଳରେ ଇଷ୍ଟାନୁରାଗ ଥିବା ଦରକାର । ଅନୁରକ୍ତ ହୃଦୟରେ ତାଙ୍କୁ ଅନୁସରଣ କରିଲେ ହିଁ ମଣିଷ ପ୍ରକୃତ ମଙ୍ଗଳର ଅଧିକାରୀ ହୁଏ !

ପ୍ରତିଦିନ ପ୍ରାତଃରେ ସର୍ବକର୍ମାରମ୍ଭେ ଶ୍ରଦ୍ଧାର ସହିତ ଇଷ୍ଟଭୃତିର ଅର୍ଘ୍ୟ ନିବେଦନ କରିବେ । ଏହି ନିବେଦିତ ଅର୍ଘ୍ୟ ପ୍ରତି ୩୦ ଦିନରେ ସଦକ୍ଷିଣା ଓ ସଂଗଠନୀ ୧୨ ପଇସା ସହିତ ଇଷ୍ଟଙ୍କ ନିକଟକୁ ତାଙ୍କରି ନିର୍ଦ୍ଦେଶମତେ ସ୍ୱହସ୍ତରେ କିମ୍ବା ସ୍ୱୟଂ ଡାକଯୋଗେ ପ୍ରେରଣ କରି ଦୁଇଜଣ ଇଷ୍ଟଭ୍ରାତାଙ୍କୁ ନିଜ ପକ୍ଷରୁ ଦୁଇଟି ଭୋଜ୍ୟ ପ୍ରଦାନ ପୂର୍ବକ ପାରିପାର୍ଶ୍ୱିକଙ୍କ ସେବା ପାଇଁ କିଛି ଅର୍ଥ ସଂରକ୍ଷଣ କରିବେ ।

ଇଷ୍ଟଭୃତି-ମନ୍ତ୍ର

ସଂସ୍କୃତ

ଜୀବନଂ କରୁଣାସିନ୍ଧୋ ! ଜଗତସ୍ତ୍ୱଂ ଜଗତ୍ପତେ ।
ଭବତଃ କୃପୟା ଲବ୍ଧଂ ଜୀବନଂ ସଫଳଂ ମମ ॥
ପ୍ରାଗେବ ସର୍ବକାର୍ଯ୍ୟେଭ୍ୟସ୍ତବୈବ ଭୋଗ-ତୃପ୍ତୟେ ।
ଇଷ୍ଟଭୃତିଃ କୃତାସ୍ମାଭିଃ କୃପୟା ଗୃହ୍ୟତାଂ ପ୍ରଭୋ ॥

ଓଡ଼ିଆ

ଜୀବ-ଜଗତ-ଜୀବନ-କାରଣ କରୁଣାମୟ ପ୍ରଭୁ ।
ତୁମରି ଦୟାରେ ଲଭିଛି ଜନମ ପାଇଅଛି ମୁହିଁ ସବୁ ।
ଆଜି ଏ ପ୍ରଭାତେ କର୍ମାରମ୍ଭେ ତୁମରି ଭୋଗର ଲାଗି,
ଇଷ୍ଟଭୃତିର ଅର୍ଘ୍ୟ ଦେଉଛି—ଶ୍ରୀଚରଣେ କୃପା ମାଗି ।

ଇଷ୍ଟଭୃତି-ବ୍ରତ ଭଙ୍ଗରେ

ଅନ୍ତତଃ ଦିନେ ହବିଷ୍ୟାଶୀ ହୋଇ ସମ୍ପୂର୍ଣ୍ଣ ଅନିବେଦିତ ଅର୍ଘ୍ୟ ଅଥବା ଅପାରଗପକ୍ଷେ ଯଥାସମ୍ଭବ ନିବେଦନ କରି ପୁନରାୟ ନିୟମିତ ଭାବରେ ବ୍ରତ ପାଳନ କରିବାକୁ ହେବ ।

ଇଷ୍ଟଭୃତିର ନିବେଦିତ ଅର୍ଘ୍ୟ ଅନ୍ୟକାର୍ଯ୍ୟରେ ବ୍ୟୟକଲେ ବା ହଜାଇ ଦେଲେ, ନଷ୍ଟ କିମ୍ବା ଅପହୃତ ହେଲେ—ଅନୁତାପର ସହିତ ଖ୍ୟାପନ ସହ ଭିକ୍ଷା କରି ନଷ୍ଟ ବା ଅପହୃତ ଅର୍ଘ୍ୟ ସଂଗ୍ରହ କରି ପରଦିନ ହବିଷ୍ୟାନ୍ନ ଗ୍ରହଣ କରି ତତ୍‌ପରଦିନ ଏହି ସଂଗୃହୀତ ଅର୍ଥ ମନ୍ତ୍ର ପାଠକରି ନିବେଦନାନ୍ତର ରଖିବାକୁ ହେବ । (‘ହବିଷ୍ୟାନ୍ନ-ବ୍ରତ’ ଦ୍ରଷ୍ଟବ୍ୟ)

ସ୍ୱସ୍ତ୍ୟୟନୀ-ବ୍ରତ

ସ୍ୱାସ୍ଥ୍ୟର ନିୟମ ଓ ସଦାଚାର ପାଳନ । ଅନିରୁଦ୍ଧ ବୃତ୍ତି-ପ୍ରବୃତ୍ତି ସମୁନ୍ନତ ସମ୍ବେଗଶାଳୀ କରି ଇଷ୍ଟସ୍ୱାର୍ଥରେ ପରିଚାଳନା । ମଙ୍ଗଳଜନକ ଚିନ୍ତାର ବାସ୍ତବ ରୂପାୟନ । ଜୀବନବୃଦ୍ଧିର ସ୍ୱାର୍ଥ ପାରିପାର୍ଶ୍ୱିକଗଣଙ୍କୁ ଇଷ୍ଟଯାଜନରେ ଉଦ୍‌ବୁଦ୍ଧ କରିବା । ଆହାର୍ଯ୍ୟ ଗ୍ରହଣ ପୂର୍ବରୁ ନିୟମିତ ଇଷ୍ଟାର୍ଘ୍ୟ ପ୍ରଦାନ । ଏଇ ପଞ୍ଚନୀତି ସମନ୍ୱିତ ସ୍ୱସ୍ତ୍ୟୟନୀ ବ୍ରତ ନିଜର ଓ ପରିବାରର ଇଷ୍ଟମୁଖୀ ଚଳନାକୁ ଚଳତ୍‌ଶୀଳ ରଖିବା ପାଇଁ ପ୍ରତ୍ୟେକଙ୍କର ଅବଶ୍ୟ ଗ୍ରହଣୀୟ ।

ସ୍ୱସ୍ତ୍ୟୟନୀ-ମନ୍ତ୍ର

ଶ୍ରୀବିଗ୍ରହସ୍ତ୍ୱଂ ପୁରୁଷୋତ୍ତମୋ ମେ ବନ୍ଦେ ତ୍ୱାଂ ସଦନୁକୂଳଚନ୍ଦ୍ରମ୍ ।
ତ୍ୱଂ ହୀଷ୍ଟସ୍ତ୍ୱମେବ ପୂଜ୍ୟଃ ପ୍ରତିଷ୍ଠାୟୈ ତେ ନିଯୁନକ୍ତୁ ବୃତ୍ତିଃ ॥
ତଵାନୁକୂଳଂ ଯଦି ସତ୍ୟକାମଂ ମୁହୁଃ କୃପୟା କୁରୁ କର୍ମନିଷ୍ଠମ୍ ।
ସନ୍ଧିତ୍ସୟା ସେବୟା ଯାଜନେନ ସର୍ବାଂସ୍ତଏବାନୁରଞ୍ଜୟାନି ॥
ରୋଗ-ଶୋକ-ଗ୍ରହଦୋଷ-ବୁଦ୍ଧି ବିପର୍ଯ୍ୟୟାଚ୍ଚ ମେ ।
ଦାରିଦ୍ର୍ୟାଦି-ସର୍ବଦୈନ୍ୟାତ୍ ମୁଞ୍ଚ ମେ ତ୍ୱୟି ନିଷ୍ଠୟା ।

ଶାନ୍ତିଂ ସ୍ୱସ୍ତିଂ ଶୁଭଂ ଦେହି ଦେହି କର୍ମସୁକୌଶଳମ୍ ।
ଦେହି ମେ ଜୀବନ-ବୃଦ୍ଧୀ ନିୟତଂ ସ୍ମୃତିଚିଦ୍‌ଯୁତେ ॥

ଓଡ଼ିଆ ଅନୁବାଦ :—

ଶ୍ରୀବିଗ୍ରହ ତୁମେ, ତୁମେହିଁ ପୁରୁଷୋତ୍ତମ, ମୋର ଅସ୍ତିବୃଦ୍ଧିର ଅନୁକୂଳ ଦୀପ୍ତି, ତୁମକୁ ବନ୍ଦନା କରେ । ତୁମେହିଁ ଇଷ୍ଟ, ତୁମେହିଁ ପୂଜ୍ୟ, ମୋର ସକଳ ବୃତ୍ତି ତୁମରି ପ୍ରତିଷ୍ଠାରେ ନିଯୁକ୍ତ ହେଉ । ସତ୍ୟକାମ, ତବାନୁକୂଳ ମୋତେ କୃପା କରି ତ୍ୱତ୍‌କର୍ମନିଷ୍ଠ କର । ସନ୍ଧିତ୍ସାରେ, ସେବାରେ ଓ ଯାଜନରେ ଯେପରି ସମସ୍ତଙ୍କୁ ଇଷ୍ଟଙ୍କ ପ୍ରତି ଅନୁରଞ୍ଜିତ କରେ ଓ କରିପାରେ । ତୁମ ପ୍ରତି ନିଷ୍ଠା ଯେପରି ମୋତେ ରୋଗ-ଶୋକ-ଗ୍ରହଦୋଷ-ବୁଦ୍ଧିବିପର୍ଯ୍ୟୟ ଓ ଦାରିଦ୍ର୍ୟାଦି ସର୍ବଦୈନ୍ୟରୁ ମୁକ୍ତକରି ତୋଳେ । ମୋତେ ଶାନ୍ତି ଦିଅ, ସ୍ୱସ୍ତି ଦିଅ, ଶୁଭ ଓ ସୁକର୍ମର କୌଶଳ ଦିଅ—ଆଉ ଦିଅ ମୋତେ ନିରନ୍ତର ଚେତନାବାହୀ ସ୍ମୃତିଯୁକ୍ତ ଜୀବନ ଓ ବୃଦ୍ଧି ।

ସ୍ୱସ୍ତ୍ୟୟନୀ-ବ୍ରତ ଭଙ୍ଗରେ

ତିନିଦିନ ଅହୋରାତ୍ର ଉପବାସ ରହି— ଅପାରଗ ପକ୍ଷରେ ତିନିଦିନ ଏକବେଳା ପରିମିତ ହବିଷ୍ୟାନ୍ନ ଗ୍ରହଣ କରି (ହବିଷ୍ୟାନ୍ନ ବ୍ରତ ଦ୍ରଷ୍ଟବ୍ୟ) ସମ୍ପୂର୍ଣ୍ଣ ଅନିବେଦିତ ଅର୍ଘ୍ୟ

ମନ୍ତ୍ରପାଠାନ୍ତର ଏକସଙ୍ଗରେ ନିବେଦନ କରି ରଖି ପୁନରାୟ ବ୍ରତ ଯଥାବିଧି ଆରମ୍ଭ କରିବାକୁ ହେବ ଅଥବା ଅପାରଗପକ୍ଷେ ଉପବାସାନ୍ତେ ନିତ୍ୟବ୍ରତାର୍ଘ୍ୟସହ ଯଥାସାଧ୍ୟ ପ୍ରତ୍ୟହ ପୃଥକ ଭାବରେ ଉଲ୍ଲେଖ ଓ ନିବେଦନ କରି ସେହି ଅନିବେଦିତ ଅର୍ଘ୍ୟ ପୂରଣ କରି ରଖିବାକୁ ହେବ । ଉପବାସର ତିନିଦିନବି ନିତ୍ୟ ଅର୍ଘ୍ୟ ରଖିବାକୁ ହେବ ।

ସ୍ୱେଚ୍ଛାରେ ସ୍ୱସ୍ତ୍ୟୟନୀ ବ୍ରତର ନିବେଦିତ ଅର୍ଘ୍ୟ ଅନ୍ୟ କାର୍ଯ୍ୟରେ ବ୍ୟୟ କଲେ– ଶିଶୁ-ପ୍ରାଜାପତ୍ୟ ବ୍ରତ ଶେଷକରି ପଞ୍ଚମ ଦିବସରେ ମନ୍ତ୍ର ପାଠ କରି ବ୍ୟୟିତ ଅର୍ଘ୍ୟ ପୁନରାୟ ନିବେଦନ କରି ସ୍ୱସ୍ତ୍ୟୟନୀ-ବ୍ରତ ଆରମ୍ଭ କରିବାକୁ ହେବ ।

ଅଜ୍ଞାତରେ ସ୍ୱସ୍ତ୍ୟୟନୀ-ବ୍ରତର ନିବେଦିତ ଅର୍ଘ୍ୟ ହଜାଇ ଦେଲେ, ନଷ୍ଟ ବା ଅପହୃତ ହେଲେ– ଅନୁତାପର ସହିତ ଖ୍ୟାପନସହ (ପ୍ରକାଶ କରି) ଭିକ୍ଷାକରି ନଷ୍ଟ ବା ଅପହୃତ ଅର୍ଥ ସଂଗ୍ରହ କରିବ ଏବଂ ପରଦିନ ସକାଳେ ହବିଷ୍ୟାନ୍ନ ଗ୍ରହଣ କରି ସମସ୍ତ ଦିନ ଉପବାସ ରହି ତତ୍ପରଦିନ ସେହି ସଂଗୃହୀତ ଅର୍ଥ ଅର୍ଘ୍ୟ-ମନ୍ତ୍ର ପାଠ କରି ନିବେଦନାନ୍ତର ରଖିଦେବାକୁ ହେବ ।

ସ୍ୱସ୍ତ୍ୟୟନୀ ବ୍ରତର ଅର୍ଘ୍ୟ ଯଥାବିଧି ଯଥା ସମୟରେ ପ୍ରେରଣ ନକଲେ– ଦିନେ ପୂର୍ବାହ୍ନରେ ହବିଷ୍ୟ କରି ପ୍ରାୟଶ୍ଚିତ୍ତାନନ୍ତର ସେହି ଅର୍ଘ୍ୟ ଇଷ୍ଟସ୍ଥାନକୁ ପ୍ରେରଣ କରିବାକୁ

ହେବ । ପ୍ରାୟଶ୍ଚିତ୍ତ ସମୟରେ ନିତ୍ୟକରଣୀୟ ସ୍ୱସ୍ତ୍ୟୟନୀ-ବ୍ରତର ଅର୍ଘ୍ୟାଦି ନିବେଦନ ଠିକ୍ ଭାବରେ ଚାଲୁଥିବ ।

ଅଶୌଚାବସ୍ଥାରେ ଇଷ୍ଟଭୃତି-ସ୍ୱସ୍ତ୍ୟୟନୀର ଅର୍ଘ୍ୟ ଅନ୍ୟ କୌଣସି ସତ୍‌ସଙ୍ଗୀ ଦ୍ୱାରା ନିବେଦନ କରିବା ବିଧି–ଅଭାବରେ ଅଶୌଚାନ୍ତେ ପ୍ରତିଦିନର ଅର୍ଘ୍ୟ ଏକତ୍ରିତ କରି ନିବେଦନ କରିବ ।

ଋତ୍ୱିକୀ

ପ୍ରତି ମାସରେ ଇଷ୍ଟଭୃତି ସହିତ ନିଜର ଦୀକ୍ଷାଦାତା ଋତ୍ୱିକ୍‌ଙ୍କର ପୋଷଣ ଓ ତୁଷ୍ଟି ପାଇଁ ଅନ୍ତତଃ ନିଜର ଦିନକର ଆହାର୍ଯ୍ୟ–ଉପଯୋଗୀ ଋତ୍ୱିକୀ–ଅବଦାନ ଇଷ୍ଟଙ୍କ ନିକଟକୁ ପ୍ରେରଣ କରିବା କର୍ତ୍ତବ୍ୟ । ଏହା ଯେପରି ଇଷ୍ଟଭୃତି ଅପେକ୍ଷା ଅଧିକ ନ ହୁଏ–ତାହା ଉପରେ ବିଶେଷ ଲକ୍ଷ୍ୟ ରଖିବା ଉଚିତ ।

ଆହ୍ୱାନୀ

ତମସାର ପାର ଅଚ୍ଛେଦ୍ୟବର୍ଣ୍ଣ ମହାନ ପୁରୁଷ
ଇଷ୍ଟପ୍ରତୀକେ ଆବିର୍ଭୂତ !
ଯଦ୍‌ବିଦାଚରଣେ ତଦୁପାସନାତେଇ ବ୍ରତୀ ହଇ,

ଜାଗ୍ରତ ହଓ, ଆଗମନ କର,
ଆମରା ଯେନ ଏକେଇ ଅଭିଗମନ କରି,
ଏକ ଉଦ୍ଦେଶ୍ୟେଇ ବାକ୍ — କର୍ମ ବିନିଯୋଗ କରି,
ଏକନିରନ୍ତରତାୟ ସେଇ ତାଁକେଇ ଯେନ ଜାନିତେ ପାରି
ଶ୍ରଦ୍ଧାନୁସୃତ ଆପୂର୍ଯ୍ୟମାଣ ଇଷ୍ଟୈକପ୍ରାଣନାୟ,
ଏକଇ ମନ୍ତ୍ରେ, ଏକଇ ମନନେ
ସମଷ୍ଟି — ଉଦ୍ସାରଣାୟ,
ବୈଶିଷ୍ଟ୍ୟପୂରଣୀ ଏକଚେତନାଭିମନ୍ତ୍ରଣେ
ଶିଷ୍ଟ ହବିଃ ଓ ଶ୍ରେଷ୍ଠ ହବନାୟ
ସମାନ ଆକୂତି ଓ ସମ୍ୟକ୍ ହୃଦୟେ
ଜୀବନ—ବର୍ଦ୍ଧନେ ଋଦ୍ଧିମାନ୍ ହଇ ।
ସ୍ୱସ୍ତି ! ସ୍ୱସ୍ତି !! ସ୍ୱସ୍ତି !!!

ପ୍ରାର୍ଥନା

ହେ ପରମକାରୁଣିକ ! ହେ ସର୍ବ ! ହେ ସର୍ବାନୁସ୍ୟୂତ ବ୍ୟାପ୍ତ ପ୍ରାକ୍ ପ୍ରଥମବାକ୍ ! ସର୍ବସ୍ୱର୍ଗ ସର୍ବହୃଦୟ ପ୍ରାଣନପରିମଲ ଅଦ୍ୱିତୀୟ ଈଶ୍ୱର ! ଜୀବ ଜଗତ୍‌ରୂପେ ପ୍ରତିଭାତ ! ରକ୍ତ-ମାଂସ-ସଙ୍କୁଳ ଉଦ୍ଭାସିତ—ତୁମିଇ ତୋମାର ତଜ୍ଜାତ ସନ୍ତାନ ! ଏଇ ଆମିଓ ତୋମାର ତୁମିରଇ ଉତ୍କ୍ଷେପ, ଏଇ ଭାରାକ୍ରାନ୍ତ ହୃଦୟେର ଯା'-

କିଛୁ ମଲିନତା ଉଦ୍ସାରିତ ଅମୃତ ଆଶିସେ ଜରା-ମରଣ-ଦୁଃଖ-ଦୁରିତ-ବିପତ୍ତି ଯା'-କିଛୁ ଅପସାରିତ କରିୟା ତୋମାତେ ଉଦ୍ଭାସିତ କରିୟା ତୋଲ ! ଏଇ ଆମି ଆମାର ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ତୋମାକେ ସ୍ମରଣ କରିୟା ଅମୃତ ଆଚମନେ ପବିତ୍ର ହଇଲାମ ! ଆମି ପବିତ୍ର । ଆମି ପବିତ୍ର । ଆମି ପବିତ୍ର ।

ପ୍ରଣାମ

ଯିନି ସବ ଯାହା କିଛୁତେଇ ବୃଦ୍ଧିପ୍ରାପ୍ତ ହଇୟା ଦେଦୀପ୍ୟମାନ, ସେଇ ବ୍ରହ୍ମକେ ନମସ୍କାର କରି ! ଆର ସେଇ ବ୍ରାହ୍ମଣ ଯିନି ତାଁହାକେ ଜାନିୟାଛେନ, ତାଁହାକେ ଆମାର ଅଶେଷ ନମସ୍କାର । ଯେ ଆଚରଣେ ତାଁହାକେ ଜାନାଯାୟ, ସେଇ ଆଚାରକେ ଯିନି ଆଚରଣ ଦ୍ୱାରା ଜାନାଇୟା ଥାକେନ—ସେଇ ଆଚାର୍ଯ୍ୟକେ ପ୍ରଣିପାତ କରିତେଛି । ଯାଁହାରା ଦ୍ରଷ୍ଟାପୁରୁଷ, ସେଇ ଋଷିଦିଗକେ ନମସ୍କାର କରି । ଯିନି ମାନୁଷେର ଜୀବନ ଓ ବୃଦ୍ଧିକେ ସେବା ଓ ସାହଚର୍ଯ୍ୟେ ଉଦ୍ଦୀପ୍ତ କରିୟା ପ୍ରତ୍ୟେକ ହୃଦୟେ ଦୀପ୍ତିମାନ— ସେଇ ଦେବତାକେ ନମସ୍କାର କରିତେଛି । ଯାହା ଜାନା ଗିୟାଛେ ଏବମ୍ପ୍ରକାର ଜ୍ଞାନକେ ଆମି ଆମାର ସର୍ବଶରୀର

ଓ ଇନ୍ଦ୍ରିୟଦ୍ୱାରା ପ୍ରଣିପାତ କରିତେଛି । ଆମି ପରମକାରୁଣିକ ପ୍ରସୂତ ସର୍ବପ୍ରାଣପୋଷଣପ୍ରଦ ବାୟୁକେ ପ୍ରଣାମ କରି । ମୃତ୍ୟୁ— ଯିନି ଜୀବେର ଜୀବନ ଓ ବୃଦ୍ଧିର ଅପଳାପ କରିୟା ସ୍ଥାୟିତ୍ୱକେ ନିଃଶେଷ କରିୟା ଦେନ—ଆମି ତାଁହାକେଓ ନମସ୍କାର କରିତେଛି, ଯେନ ତାହା ହଇତେଓ ଅମୃତ ବହନ କରିତେ ପାରି ! ଯିନି ସର୍ବ ଓ ପ୍ରତ୍ୟେକେର ଭିତର ବିଶେଷଭାବେ ପରିବ୍ୟାପ୍ତ ସେଇ ବିଷ୍ଣୁକେ ଆମି ଅଶେଷ ପ୍ରଣିପାତେ ପ୍ରଣାମ କରିତେଛି । ଆର ଯାହା କିଛୁ ସବେର ପ୍ରତୀକ, ଆବ୍ରହ୍ମସର୍ବଦେବମୟ, ଆମାରଇ ଉଦ୍ଧାତା, ଆମାର ସଦ୍‌ଗୁରୁକେ ପ୍ରଲୀନ ପ୍ରଣିପାତେ ବାରବାର ପ୍ରଣାମ କରି ।

ଯାହା କିଛୁ ଜାତ ହଇୟାଛେ—ତତ୍‌ସମୁଦୟେର ଜ୍ଞାନେର କାରଣ ଯିନି, ତାଁହାର ନିମିତ୍ତ ତଦୈଶ୍ୱର୍ଯ୍ୟେ ସ୍ନାତ ହଇତେଛି । ତିନି ଆମାଦେର ଅରାତିବୁଦ୍ଧିକେ ଦହନ କରୁନ ! ସେଇ ଅଗ୍ନି ସର୍ବପ୍ରକାର ଦୁରିତ ଓ ଦୁର୍ଗତି ହଇତେ ନୌକା ଯେମନ ସିନ୍ଧୁ ପାର କରେ, ତେମନି କରିୟା ଆମାଦିଗକେ ଉତ୍ତୀର୍ଣ୍ଣ କରୁନ ।

ଉର୍ଦ୍ଧ୍ୱଗତିଶୀଳ, ଅସ୍ତି ଓ ପ୍ରଗତିପନ୍ନ, ଦେଦୀପ୍ୟାୟିତ, ବୃଦ୍ଧି-ପରମ, କୃଷ୍ଣପିଙ୍ଗଳ, ବିରୂପାକ୍ଷ, ବିଶ୍ୱପ୍ରତୀକ ହେ ପୁରୁଷ ! ଆମି ତୋମାକେ ନମସ୍କାର କରି !

ପୁରୁଷୋତ୍ତମ-ବନ୍ଦନା

ବନ୍ଦେ ପୁରୁଷୋତ୍ତମମ୍ ।

ତ୍ୱାଂ ହୀଷ୍ଟଂ ହୃଦୟୋତ୍ସବଂ ଶ୍ରୀବିଗ୍ରହମ୍
ବୈଶିଷ୍ଟ୍ୟପୂରକଂ ସମଷ୍ଟ୍ୟୁତ୍ସାରକମ୍
ଏକାଚାରିଣମ୍ !

ସୃଜନୋତ୍ସଂ ତ୍ୱାମୀଶ୍ୱରଂ ପ୍ରକଟପରାୟଣମ୍
ନିଖିଳ-ଜଗଜ୍ଜୀବଜୀବନବୀଚିସ୍ପନ୍ଦିତମ୍
ବ୍ୟକ୍ତାବ୍ୟକ୍ତସ୍ୱରୂପକମ୍ ପରମଦୈବତମ୍
ନରଂ ନାରାୟଣମ୍ !

ମତ୍ସ୍ୟ-କୂର୍ମ୍ମ-କୋଳ-ନୃସିଂହ-ବାମନ-ଶରୀରମ୍
ରାମ-କୃଷ୍ଣ-ବୁଦ୍ଧ-ଯୀଶୁ-ମୋହମ୍ମଦ-ରୂପାୟିତମ୍
ଚୈତନ୍ୟ-ରାମକୃଷ୍ଣାନୁକୂଳଂ ପୂର୍ବତନୀପୂରଣମ୍
ଶାଶ୍ୱତାଂ ବର୍ତ୍ତମାନମ୍ !

ବ୍ୟକ୍ତି-ଦମ୍ପତି-ଗୃହ-ସମାଜ-ରାଷ୍ଟ୍ରୋଦ୍ଧାରଣେ
ଯଜନ-ଯାଜନେଷ୍ଟଭୃତି-ସ୍ୱସ୍ତ୍ୟୟନୀ-ପ୍ରବର୍ତ୍ତକମ୍
ପ୍ରାଚ୍ୟପ୍ରତୀଚ୍ୟ-ନିୟନ୍ତ୍ରଣେ ବର୍ଣ୍ଣାଶ୍ରମାନୁଶାସକମ୍
ଆର୍ଯ୍ୟ-ଚିରାୟଣମ୍ !

ଆର୍ଯ୍ୟକୃଷ୍ଟିତୂର୍ଯ୍ୟଧ୍ୱନିତ-ପଲ୍ଲୀନିକେତନମ୍

ଆର୍ଯ୍ୟଭୂମି ଧୂଳିପାବନଚିଦାନନ୍ଦକମ୍
ସକଳଶିଳ୍ପ ବିଜ୍ଞାନଯୁତଂ ପୂର୍ଣ୍ଣଂ ପୁରାଣଂ
ପରାତ୍ପରକମ୍ !
ଧର୍ମ୍ମଗ୍ଲାନିତ୍ରସ୍ତ-ଭୁବନେ ବୃତ୍ତିଘୂର୍ଣ୍ଣନେ
ସକଳବାଦବ୍ୟାମୋହର ସଦ୍ଧର୍ମସ୍ଥାପକମ୍ ।
ଆପୂରୟନ୍ତମିଷ୍ଟମେକମଦ୍ୱିତୀୟକମ୍
ଯୁଗାଦର୍ଶମନୁତ୍ତମମ୍ !
ପ୍ରେମୋଚ୍ଛଳନରବପୁର୍ଧୃତଂ ମନ୍ମଥମନ୍ମଥମ୍
ନବୀନାର୍ଯ୍ୟାତୀର୍ଥଙ୍କରଂ ବିଚିତ୍ରଲୀଳକମ୍
ବିଶ୍ୱମିଳନହବନ-ନବୀନବେଦଦାୟିନମ୍
ବିନାୟକଭାସ୍କରମ୍ !
ରଣତାଣ୍ଡବଦ୍ରୋହକ୍ଷୁବ୍‌ଧେ କ୍ଲିଷ୍ଟେ ବିଶ୍ଲିଷ୍ଟେ ଲୋକେ
ଅଭ୍ୟୁତ୍‌ଥିତ-ମ୍ଲେଚ୍ଛାଚାରାପୂରିତ-ଦିଙ୍‌ମଣ୍ଡଳେ
ଜୀବନବୃଦ୍ଧ୍ୟସିକଲକଂ ମିତ୍ରାମିତ୍ରବଲ୍ଲଭମ୍
କଲ୍‌କିରୂପମୁଦଗ୍ରମ୍ !
ନମାମି ବିପ୍ଳାବିନଂ ପ୍ରିୟଂ ପରମଂ କମମପି କରାଳମ୍ ।
ପୁରୁଷୋତ୍ତମମ୍ ! ପୁରୁଷୋତ୍ତମମ୍ !
ବନ୍ଦେ ପୁରୁଷୋତ୍ତମମ୍ !

ପୁରୁଷୋତ୍ତମ—ପ୍ରଣାମ

ବନ୍ଦେ ଲୋକତିଳକଂ ସାତ୍ୱତବାର୍ତ୍ତା—ବିଭୂଷଣଂ
ଅମରକୃତ୍ୟସ୍ମାରଣଂ ପ୍ରବୁଦ୍ଧଂ ଲୋକଜୀବନଂ
ପ୍ରଣୟ—ପ୍ରମତ୍ତ—ଯାଗଦୀପନଂ
ବନ୍ଦେ ଜୀବନ—ଜୀବନଂ ସତ୍‌ପୁରୁଷମ୍ ।

ଦଣ୍ଡ ପ୍ରଣାମ-ମନ୍ତ୍ର

ପ୍ରତ୍ୟହ ଦଣ୍ଡ ବ୍ୟବହାର ପୂର୍ବରୁ ଶ୍ରୀଶ୍ରୀଠାକୁରଙ୍କୁ ସ୍ମରଣପୂର୍ବକ ଦଣ୍ଡ ମସ୍ତକରେ ସ୍ପର୍ଶ କରି ନିମ୍ନୋକ୍ତ ମନ୍ତ୍ର ପାଠ କରିବ ।

ଧର୍ମାନୁଶାସନ-ପାଳକଂ ଶ୍ରୀପୁରୁଷୋତ୍ତମ-ପ୍ରସାଦମ୍
ଶାନ୍ତି-ସ୍ୱସ୍ତି-ଶୁଭଦାୟକଂ ଜୀବନବୃଦ୍ଧିଦଂ ପ୍ରଣମାମି ଦଣ୍ଡମ୍ ।

ଆଚାର୍ଯ୍ୟ-ପ୍ରଣାମ-ମନ୍ତ୍ର

ବ୍ରହ୍ମମାର୍ଗ ପ୍ରଦର୍ଶକଂ ପ୍ରେମଭକ୍ତି ବିନାୟକମ୍
ଶାନ୍ତି-ସ୍ୱସ୍ତି ବିଧାୟକମ୍ ଆଚାର୍ଯ୍ୟଂ ପ୍ରବରଂ ନୌମି ॥

ପଞ୍ଚବର୍ହି

୧। ଏକମେବାଦ୍ୱିତୀୟଂ ଶରଣମ୍ ।

୨। ପୂର୍ବେଷାମାପୂରୟିତାରଃ
ପ୍ରବୁଦ୍ଧା ଋଷୟଃ ଶରଣମ୍ ।

୩। ତଦ୍ୱର୍ତ୍ମାନୁବର୍ତ୍ତିନଃ ପିତରଃ ଶରଣମ୍ ।

୪। ସତ୍ତ୍ୱାନୁଗୁଣା ବର୍ଣ୍ଣାଶ୍ରମାଃ ଶରଣମ୍ ।

୫। ପୂର୍ବାପୂରକୋ ବର୍ତ୍ତମାନଃ ପୁରୁଷୋତ୍ତମଃ ଶରଣମ୍ ।
ଏତଦେବାର୍ଯ୍ୟାୟଣମ୍, ଏଷ ଏବ ସଦ୍ଧର୍ମ୍ମଃ,
ଏତଦେବ ଶାଶ୍ୱତଂ ଶରଣ୍ୟମ୍ ।

ଓଡ଼ିଆ ଅନୁବାଦ :—

୧। ଏକ-ଅଦ୍ୱିତୀୟଙ୍କର ଶରଣ ନେଉଅଛି । ୨। ପୂର୍ବପୂରଣକାରୀ ପ୍ରବୁଦ୍ଧ ଋଷିଗଣଙ୍କର ଶରଣ ନେଉଅଛି । ୩। ସେମାନଙ୍କର ପଥ ଅନୁସରଣକାରୀ ପିତୃପୁରୁଷଗଣଙ୍କର ଶରଣ ନେଉଅଛି । ୪। ଅସ୍ତିତ୍ୱର ଗୁଣପରିପୋଷକ ବର୍ଣ୍ଣାଶ୍ରମର ଶରଣ ନେଉଅଛି ।
୫। ପୂର୍ବ-ପୂରଣକାରୀ ବର୍ତ୍ତମାନ ପୁରୁଷୋତ୍ତମଙ୍କର ଶରଣ ନେଉଅଛି ।

ଏହାହିଁ ଆର୍ଯ୍ୟ ପଥ—ଏହାହିଁ ସଦ୍ଧର୍ମ୍ମ,
ଆଉ ଏହାହିଁ ଚିରନ୍ତନ ଶରଣଯୋଗ୍ୟ ।

ସପ୍ତାର୍ଚ୍ଚି

୧। ନୋପାସ୍ୟମନ୍ୟଦ୍ ବ୍ରହ୍ମଣୋ ବ୍ରହ୍ମୈକମେବାଦ୍ୱିତୀୟମ୍ ।

୨। ତଥାଗତାସ୍ତଦ୍ୱାର୍ତ୍ତିକା-ଅଭେଦାଃ ।

୩। ତଥାଗତାଗ୍ର୍ୟୋହି ବର୍ତ୍ତମାନଃ ପୁରୁଷୋତ୍ତମଃ
ପୂର୍ବେଷାମାପୂରୟିତା ବିଶିଷ୍ଟ-ବିଶେଷ ବିଗ୍ରହଃ ।

୪। ତଦନୁକୂଳଶାସନଂ ହ୍ୟନୁସର୍ତ୍ତବ୍ୟନ୍ନେତରତ୍ ।

୫। ଶିଷ୍ଟାପ୍ତବେଦପିତୃପରଲୋକଦେବାଃ ଶ୍ରଦ୍ଧେୟା ନାପୋହ୍ୟାଃ ।

୬। ସଦାଚାରା ବର୍ଣ୍ଣାଶ୍ରମାନୁଗଜୀବନବର୍ଦ୍ଧନା ନିତ୍ୟଂ ପାଳନୀୟାଃ ।

୭। ବିହିତ ସବର୍ଣ୍ଣାନୁଲୋମାଚାରାଃ ପରମୋତ୍କର୍ଷହେତବଃ,
ସ୍ୱଭାବପରିଧ୍ୱଂସିନସ୍ତୁ ପ୍ରତିଲୋମାଚାରାଃ ।

ଓଡ଼ିଆ ଅନୁବାଦ:—

୧। ବ୍ରହ୍ମ ଭିନ୍ନ ଆଉ-କେହି ଉପାସ୍ୟ ନୁହେଁ, ବ୍ରହ୍ମ ଏକ-ଅଦ୍ୱିତୀୟ ।

୨। ତଥାଗତଗଣ—ତାହାଙ୍କର ବାର୍ତ୍ତାବହନକାରୀ—ଅଭିନ୍ନ ।

୩। ତଥାଗତଗଣଙ୍କର ଅଗ୍ରଣୀ ବର୍ତ୍ତମାନ ପୁରୁଷୋତ୍ତମ, ପୂର୍ବ-ପୂର୍ବଗଣଙ୍କର ଆପୂରଣକାରୀ ବିଶେଷ ବିଶିଷ୍ଟ ନରବିଗ୍ରହ ।

୪। ତାହାଙ୍କର ଅନୁକୂଳଶାସନ ହିଁ ଅନୁସରଣୀୟ—ତାହା ଭିନ୍ନ ଅନ୍ୟ କିଛି ନୁହେଁ । ୫। ଶିଷ୍ଟତତ୍ତ୍ୱବିତ୍ ପିତୃପୁରୁଷ ଓ ପରଲୋକବାସୀ ଦେବଗଣ ଶ୍ରଦ୍ଧେୟ—ଅବହେଳାର ଯୋଗ୍ୟ ନୁହଁନ୍ତି । ୬। ବର୍ଣ୍ଣାଶ୍ରମ ଅନୁଗାମୀ ସଦାଚାର ଜୀବନବର୍ଦ୍ଧନୀୟ—ନିତ୍ୟପାଳନୀୟ ୭। ବିହିତ ସବର୍ଣ୍ଣ ଓ ଅନୁଲୋମକ୍ରମିକ ଆଚାରସମୂହ ପରମ ଉତ୍କର୍ଷର କାରଣ—ଏବଂ ପ୍ରତିଲୋମ-ଆଚାର ସ୍ୱଭାବ-ଧ୍ୱଂସକାରୀ ।

ହବିଷ୍ୟାନ୍ନ-ବ୍ରତ

ହବିଷ୍ୟ ଦିନ ସଂଯତଭାବରେ ଇଷ୍ଟମନ୍ତ୍ର ଜପ ପରାୟଣ ହୋଇ ରହିବା, ତ୍ରିସନ୍ଧ୍ୟା ସ୍ନାନ କରିବା, ବୃଥା ବାକ୍ୟାଳାପ ବର୍ଜନ ଏବଂ ମଧ୍ୟାହ୍ନରେ ହବିଷ୍ୟାନ୍ନ ଗ୍ରହଣ କରିବାହିଁ ବିଧି ।

ହବିଷ୍ୟାନ୍ନରେ ଅରୁଆ ଚାଉଳ, ସୈନ୍ଧବ ଲବଣ, ମୁଗ ବା ମଟରଡାଲି ସିଝା, ଖସାବଟା, କଞ୍ଚା କଦଳୀ ସିଝା, ପାଚିଲା କଦଳୀ, ଘିଅ, ଆମ୍ବ, ଦୁଧ, ଯବ, ହରିଡ଼ା ଓ ଅଁଳା ଗ୍ରହଣୀୟ ।

ଦିନରେ ଥରେ ପରିମିତଭାବେ ବିଧିମତେ ହବିଷ୍ୟାନ୍ନ ଗ୍ରହଣ କରିବାକୁ ହେବ ଏବଂ ତାହା ବ୍ୟତୀତ ନିହାତି ତୃଷ୍ଣାବୋଧ କରିଲେ ଅପାରଗପକ୍ଷେ ଜଳ ଗ୍ରହଣ କରାଯାଇ ପାରେ ।

ଶିଶୁ-ପ୍ରାଜାପତ୍ୟ-ବ୍ରତ

ପ୍ରଥମ ଦିନ ପୂର୍ବାହ୍ନେ ହବିଷ୍ୟାନ୍ନ, ଦ୍ୱିତୀୟ ଦିନ ଅପରାହ୍ନେ ହବିଷ୍ୟାନ୍ନ, ତୃତୀୟ ଦିନ ଅଯାଚିତ ହବିଷ୍ୟାନ୍ନ ଏବଂ ଚତୁର୍ଥ ଦିନ ନିରମ୍ବୁ ଉପବାସ ରହି ପଞ୍ଚମ ଦିନ ପ୍ରାତଃରେ ଯଥାସାଧ୍ୟ ଇଷ୍ଟପ୍ରଣାମୀ ନିବେଦନ କରି ବ୍ରତ ଉଦ୍‌ଯାପନ କରିବାକୁ ହେବ ।

ପ୍ରାଜାପତ୍ୟ-ବ୍ରତ

ଅବିଚ୍ଛିନ୍ନ ଭାବେ ପରପର ତିନୋଟି ଶିଶୁ ପ୍ରାଜାପତ୍ୟ ବ୍ରତ ପାଳନ କରି ଅଥବା ପ୍ରଥମ ୩ ଦିନ ପୂର୍ବାହ୍ନେ ହବିଷ୍ୟାନ୍ନ, ଦ୍ୱିତୀୟ ୩ ଦିନ ଅପରାହ୍ନେ ହବିଷ୍ୟାନ୍ନ, ତୃତୀୟ ୩ ଦିନ ଅଯାଚିତ ହବିଷ୍ୟାନ୍ନ, ଚତୁର୍ଥ ୩ ଦିନ ନିରମ୍ବୁ ଉପବାସ ରହି ତ୍ରୟୋଦଶ ଦିନ ପ୍ରାତଃରେ ଯଥାସାଧ୍ୟ ଇଷ୍ଟପ୍ରଣାମ ନିବେଦନ କରି ବ୍ରତ ଉଦ୍‌ଯାପନ କରିବାକୁ ହେବ ।

ବ୍ରତକାଳରେ ନିତାନ୍ତ ଅଶକ୍ତ ହେଲେ ଜଳ, ଫଳମୂଳାଦି ମଧ୍ୟ ଗ୍ରହଣ କରାଯାଇପାରେ । ସଂଯମୀ ଓ ଇଷ୍ଟନିଷ୍ଠ ରହି ତ୍ରିସନ୍ଧ୍ୟା ସ୍ନାନ, ଭୂମିରେ କମ୍ବଳରେ ଶୟନ, ନଗ୍ନପଦରେ ଭ୍ରମଣ, କ୍ଷୌରକର୍ମ ନ କରିବା ଏବଂ ମାତାଭିନ୍ନ ଅନ୍ୟ ସ୍ତ୍ରୀଲୋକ ଓ ପତିତର ସହିତ ବାକ୍ୟାଳାପ ନ କରିବା ହିଁ ବିଧି ।

କୃଚ୍ଛ୍ର-ସାନ୍ତପନ ବା ମହାସାନ୍ତପନ-ବ୍ରତ

ଜାତିଭ୍ରଂଶକର କର୍ମ କରିଲେ ଇଷ୍ଟଙ୍କ ନିକଟରେ ଉପସ୍ଥିତ ହୋଇ ସପ୍ତ ଦିବସବ୍ୟାପୀ ବ୍ରତ ପାଳନ କରି ଆତ୍ମଶୁଦ୍ଧି କରିବାକୁ ହେବ ।

ଖ୍ୟାପନ ଅର୍ଥାତ୍ "ମୁଁ ପାପ ପାଇଁ ଅନୁତପ୍ତ ହୋଇ ମହାସାନ୍ତପନ ବ୍ରତ କରୁଅଛି"—ଅନୁତପ୍ତ ହୃଦୟରେ ପାପର ବ୍ୟାପାରଗୁଡ଼ିକୁ ସ୍ତ୍ରୀ ଏବଂ ଜିଜ୍ଞାସାକାରୀ ଶ୍ରଦ୍ଧାନ୍ୱିତ ଯେଉଁମାନେ, ସେମାନଙ୍କ ନିକଟରେ କହିବା, ଶ୍ରଦ୍ଧା ଓ ଅର୍ଥବୋଧର ସହିତ ନାମଜପ ଅଥବା ସାବିତ୍ରୀଜପ ଓ ଅଘମର୍ଷଣ—ମନ୍ତ୍ର ଜପ ଓ ଆବୃତ୍ତି କରିବା, ତ୍ରିସନ୍ଧ୍ୟା ସ୍ନାନ, କମ୍ବଳ ବିଛାଇ ଶୟନ, ନଗ୍ନପଦରେ ଭ୍ରମଣ, କ୍ଷୌରକାର୍ଯ୍ୟ ନ କରିବା ଏବଂ ନାରୀ, ଶୂଦ୍ର ଓ ପତିତର (ଅର୍ଥାତ୍ ଇଷ୍ଟନିଷ୍ଠାହୀନ ମ୍ଳେଚ୍ଛର) ସହିତ ବାକ୍ୟାଳାପ ନ କରିବା— ଏହି ନିୟମ ପାଳନ କରି ଶ୍ରଦ୍ଧାମୟ ସତ୍ୟକାମ ହୋଇ ଅପ୍ରୟୋଜନୀୟ ବିକ୍ଷେପୀ ବାକ୍ୟାଳାପ ସମ୍ପୂର୍ଣ୍ଣ ବର୍ଜନ କରିବ ।

(୧) ପ୍ରଥମ ଦିନ ଭୋରରେ ଥରେ ଏବଂ ପରେ ଲାଗେ ଲାଗେ କେତେଥର କ୍ଷୁଧା-ତୃଷ୍ଣାର ପ୍ରୟୋଜନ ଅନୁଯାୟୀ ଗୋ-ମୂତ୍ର ପାନ କରି ସମସ୍ତ ଦିନ ଉପବାସୀ ରହିବାକୁ ହେବ ।

(୨) ଦ୍ୱିତୀୟ ଦିନ ଅଳ୍ପ ଅଳ୍ପ କରି କେତେ ଥର କ୍ଷୁଧା-ତୃଷ୍ଣାର ପ୍ରୟୋଜନ ଅନୁଯାୟୀ ଟଟକା ଗୋମୟ ସେବନ କରି ଉପବାସୀ ରହିବାକୁ ହେବ ।

(୩) ତୃତୀୟ ଦିନ ଗୋ-ଦୁଗ୍ଧର ସହିତ ସମପରିମାଣରେ ଜଳ ମିଶ୍ରିତ କରି ଥରେ ଆଉଟା ହେଲେ ଅଳ୍ପ ଗରମ ଥାଇ କ୍ଷୁଧା-ତୃଷ୍ଣାର ପ୍ରୟୋଜନ ଅନୁଯାୟୀ ଥରେ ଥରେ ଏକଛଟାଙ୍କୀ ଅନ୍ଦାଜ ପ୍ରତିଥର ପାନ କରିବାକୁ ହେବ ।

(୪) ଚତୁର୍ଥ ଦିନ ଉତ୍ତମ ଦଧି ଥରେ ଥରେ କ୍ଷୁଧା ତୃଷ୍ଣାର ପ୍ରୟୋଜନ ଅନୁଯାୟୀ ଏକଛଟାଙ୍କୀ ଅନ୍ଦାଜ ପ୍ରତିଥର ସେବନ କରିବାକୁ ହେବ ।

(୫) ପଞ୍ଚମ ଦିନରେ ଗୋ-ଘୃତ ଥରେ ଥରେ କ୍ଷୁଧା-ତୃଷ୍ଣାର ପ୍ରୟୋଜନ ଅନୁଯାୟୀ ଈଷତ୍ ଉଷ୍ଣ କରି ଚା'ଚାମଚର ଏକ ଚାମଚ ଅନ୍ଦାଜ ପାନ କରିବ ।

(୬) ଷଷ୍ଠ ଦିନରେ ସଦ୍ୟ କୁଶ ପୂର୍ବଦିନରାତ୍ରିରେ ଭିଜାଇ ରଖି ଥରେ ଥରେ କ୍ଷୁଧା—ତୃଷ୍ଣାର ପ୍ରୟୋଜନ ଅନୁଯାୟୀ ପ୍ରତିଥର ଏକଛଟାଙ୍କୀ ଅନ୍ଦାଜ ପାନ କରିବାକୁ ହେବ ।

(୭) ସପ୍ତମ ଦିନରେ ଉପବାସୀ ରହିବାକୁ ହୁଏ—ଅଶକ୍ତ ପକ୍ଷେ ବିଶେଷ ପ୍ରୟୋଜନ ହେଲେ ପ୍ରତ୍ୟେକ ଦିନହିଁ କେବଳ ଜଳ ଅଳ୍ପ କରି ପାନ କରା ଯାଇପାରେ ।

ବ୍ରତ ଶେଷରେ ଯଥାବିଧି ଗୁରୁ ପ୍ରଣାମୀ ଦେଇ ବ୍ରାହ୍ମଣକୁ ଭୋଜ୍ୟ ପ୍ରଦାନ କରି ବ୍ରତ ଉଦ୍‌ଯାପନ କରିବାକୁ ହୁଏ ।

ମନର ପ୍ରସାଦ ଓ ସନ୍ତୋଷହିଁ ବ୍ରତର କୃତକାର୍ଯ୍ୟତାର ପ୍ରଧାନ ଲକ୍ଷଣ । ତାହା ନହେଲେ ଯେ ପର୍ଯ୍ୟନ୍ତ ପ୍ରସାଦ ଓ ସନ୍ତୋଷ ନ ଆସେ, ସେ ପର୍ଯ୍ୟନ୍ତ ବ୍ରତର ପୁନରନୁଷ୍ଠାନ କରିବ ।

ଅଷ୍ଟମ ଦିନରେ ପ୍ରାତଃକୃତ୍ୟ ଓ ସନ୍ଧ୍ୟାବନ୍ଦନାଦି ସାରି ଗୁରୁପ୍ରଣାମୀ ଦେଇ ଏବଂ ବ୍ରାହ୍ମଣକୁ ଭୋଜ୍ୟ ପ୍ରଦାନ କରି ପ୍ରାତଃରେ କଞ୍ଚା ବତୁରା ମୁଗ, ଟିକିଏ ଲହୁଣୀ ଓ ଆଖୁ-ଗୁଡ଼ ଉତ୍ତମ-ରୂପେ ଚୋବାଇ ଖାଇବାକୁ ହେବ ଏବଂ ତାହାର ଦୁଇ ତିନି ଘଣ୍ଟା ପରେ ପତଳା ମିଶ୍ରୀର ସର୍‌ବତ ଖାଇ କିଛି ସମୟ ପରେ ମଧ୍ୟାହ୍ନରେ ଖୁବ୍ ଅଳ୍ପ ପରିମାଣରେ ଯେପରି ପେଟରେ କୌଣସି ପ୍ରକାର ଉପଦ୍ରବ ସୃଷ୍ଟି ନ କରେ, ଏପରି ସହଜ ପାଚ୍ୟ ଆହାର୍ଯ୍ୟ ଗ୍ରହଣ କରିବାକୁ ହେବ । ରାତ୍ରିରେ ବା ଅପରାହ୍ନରେ ସହଜରେ ପରିପାକ ହୁଏ ଏପରି କିଛି– ଯେପରି ଦୁଧ-ସାଗୁ ଆହାର କରିବାହିଁ ଶ୍ରେୟ । ପରଦିନ ମଧ୍ୟ ସହଜପାଚ୍ୟ ଓ ପୁଷ୍ଟିକର ଆହାର୍ଯ୍ୟ ଅଳ୍ପ ପରିମାଣରେ ଯଥାସମୟରେ ଗ୍ରହଣ କରିବାହିଁ ଉଚିତ୍ । ଏହିପରି କ୍ରମଶଃ ସ୍ୱାଭାବିକ ଆହାର୍ଯ୍ୟ ଗ୍ରହଣର ଉପଯୋଗୀ ହେବାକୁ ହେବ ।

ଆହ୍ୱାନ ଧ୍ୱନି–ଶ୍ରୀଶ୍ରୀଠାକୁରଙ୍କ କଥିତ

ବନ୍ଦେ ପୁରୁଷୋତ୍ତମମ୍ ।

୧। ଆର୍ଯ୍ୟସ୍ଥାନ୍ ପିତୃସ୍ଥାନ୍
ଉଚ୍ଚ ସବାର ପୂର୍ଯ୍ୟମାନ ।

୨। ଅମର ରହୁକ୍ ଆର୍ଯ୍ୟବାଦ୍
ଜାଗୁକ୍ ଉଠୁକ୍ ଆର୍ଯ୍ୟଜାତ୍ ।

୩। ଆର୍ଯ୍ୟକୃଷ୍ଟିର ଯା' ବ୍ୟାଘାତ୍
ଖଡ୍‌ଗେ ତୋରା କର୍ ନିପାତ୍ ।

୪। ବାଁଚାବାଡ଼ାର ଉଲ୍‌ଟୋ ଚଲେ
ମ୍ଲେଚ୍ଛ ଜାନିସ୍ ତାଦେର ବଲେ ।

୫। ଏକ୍ ଆଦେଶେ ଚଲେ ଯାରା
ତାଦେର ନିୟେଇ ସମାଜ ଗଡ଼ା ।

୬। ଇଷ୍ଟ ନାଇ ନେତା ଯେଇ
ଯମେର ଦଲାଲ କିନ୍ତୁ ସେଇ ।

୭। ସତ୍ ଓ ଶ୍ରେଷ୍ଠ ଆଶ୍ରୟ ଯାର୍
ଉନ୍ନତି ହୟ ଅବାଧ ତାର୍ ।

୮। ଶଙ୍ଖଚକ୍ରୀ ଆଜଓ ନାରାୟଣ
ଧର୍ମ ସ୍ଥାପନେ ଜନମ ଲନ୍ ।

୯। ସିଦ୍ଧ ନୟ ମନ୍ତ୍ର ଦେୟ
ମରେ-ମାରେ କରେଇ କ୍ଷୟ ।

୧୦। ଅନ୍ୟେ ବାଁଚାୟ ନିଜେ ଥାକେ
ଧର୍ମ ବ'ଲେ ଜାନିସ୍ ତାକେ ।

୧୧। ଧର୍ମେ ସବାଇ ବାଁଚେ-ବାଡ଼େ
ସମ୍ପ୍ରଦାୟଟା ଧର୍ମ ନା ରେ ।

୧୨। ପୂର୍ବତନେ ମାନେ ନା ଯାରା
ଜାନିସ୍ ନିଛକ୍ ମ୍ଲେଚ୍ଛ ତାରା ।

୧୩। ଦଶବିଧ ସଂସ୍କାର
ମନେ ରାଖିସ୍ ନିଷ୍କାସାର୍ ।

୧୪। ଯଜନ ଯାଜନ୍ ଇଷ୍ଟଭୃତି
କର୍‌ଲେ କାଟେ ମହାଭୀତି ।

୧୫। ସ୍ୱସ୍ତ୍ୟୟନୀ ମୁକ୍ତି ଆନେ
ରାଷ୍ଟ୍ରସହ ପ୍ରତି ଜନେ ।

୧୬। କର୍ମନାଇ ଚିନ୍ତା ସତ୍
ପାଥର ପେଛଲ୍ ନରକ ପଥ୍ ।

୧୭। ସଦାଚାରେ ବାଁଚେ-ବାଡେ
ଲକ୍ଷ୍ମୀ ବାଁଧା ତାର୍ ଘରେ ।

୧୮। ଇଷ୍ଟ ଲାଗି କର୍ମ କରା
ସେଇତୋ ହ'ଲ ପୁଣ୍ୟେ ଭରା ।

୧୯। ମାନୁଷ୍ ଆପନ୍ ଟାକା ପର୍
ଯତ ପାରିସ୍ ମାନଷ ଧର୍ !

୨୦। ମୁଖେ ଜାନେ ବ୍ୟବହାରେ ନାଇ
ସେଇ ଶିକ୍ଷାର ମୁଖେ ଛାଇ ।

୨୧। ମାତୃଭକ୍ତି ଅଟୁଟ ଯତ
ସେଇ ଛେଲେଇ ହୟ କୃତୀ ତତ ।

୨୨। ମେୟେ ବରେ ବରଣ କରେ
ସେଇ ବିୟେତେଇ ସମାଜ ବାଡ଼େ ।

୨୩। ପ୍ରତିଲୋମେ କୁ-ଏର ଜନମ୍
ରାଷ୍ଟ୍ର-ସମାଜ ଜାତିର ଯମ୍ ।

୨୪। ସ୍ୱାମୀର୍ ପ୍ରତି ଟାନ୍ ଯେମନି
ଛେଲେଓ ଜୀବନ୍ ପାୟ ତେମନି ।

୨୫। ଅଭ୍ୟାସ ବ୍ୟବହାର୍ ଯେମନତର
ସନ୍ତାନଓ ପାବି ତେମନତର ।

୨୬। ସଦାଚାରେ ରତ ନୟ
ପଦେ-ପଦେ ତାର ଭୟ ।

୨୭। ମାଛ-ମାଂସ ଖାସ୍‌ନେ ଆର୍
ପିୟାଁଜ-ରସୁନ୍ ମାଦକ୍ ଛାଡ଼୍ ।

୨୮। ସବାର ପୂରଣ୍ କରେନ୍ ଯିନି
ତାଁରଇ ମୁଖେ ବିଧିର ବାଣୀ ।

ଶ୍ରୀଶ୍ରୀଠାକୁରଙ୍କ କତିପୟ ଗୀତିବାଣୀ (ଛଡ଼ା)

''ଶ୍ରେଷ୍ଠଜନଙ୍କୁ କରିଲେ ପ୍ରଣାମ
ନିୟତ ମଥା ଲଗାଇ ପାଦେ,
ନିଜର ଭଲ ହେଲେ ବି କିନ୍ତୁ
ତାଙ୍କର ଆୟୁର କ୍ଷୟଟି ସାଧେ ॥''

''ଶରୀରଟା ତୋର ଲମ୍ବା ଯେତେ
ସେତେ ଭୂଇଁ ଦେଇ ବାଦ୍
କରିଲେ ପ୍ରଣାମ ପାଇବୁ ପ୍ରାଣେ
ଆନନ୍ଦ ପରସାଦ ॥''

''ପିତା ସ୍ୱର୍ଗ, ପିତା ଧର୍ମ୍ମ
ପିତାହିଁ ତପର ନନ୍ଦନା,
ପିତୃ-ପ୍ରୀତି ପ୍ରସାରି, ଆଣେ
ସବୁ ଦେବତାଙ୍କ ବନ୍ଦନା ॥''

''ମାତା-ପିତା ଶ୍ରେଷ୍ଠ-ଜନେ
ଶ୍ରଦ୍ଧା-ଭକ୍ତି ଯାହା ରଖନା,
ଇଷ୍ଟାନୁଗ ନହେଲେ ତା'
ଆସିବ ନାହିଁ ସମ୍ବର୍ଦ୍ଧନା ॥''

''ପ୍ରାର୍ଥନାରେ କହିଲୁ କେତେ କରିଲୁ ନାହିଁ କାର୍ଯ୍ୟେ
ଫୁଟିଲା ସେଟା କଳ୍ପନାରେ ଫଳଟି ପାଇଲୁ ବାଜେ ।''
''ଇଷ୍ଟପଦେ ଟାଣ ନହେଲେ ଜପ କରିବୁ ବା କି ?
ଜନମସାରା କଲେ ବି ଜପ ଲାଭ ହେବ ଫାଙ୍କି ।''
''ଈଶ୍ୱରଙ୍କର ଡାକ ଆସିଛି ତାଙ୍କ କାର୍ଯ୍ୟେ ତୋର ସଙ୍ଗତି
ଯୋଗାଣ ଦେଇ ଧନ୍ୟ ହୁଅ ତୁ ହେଉ ଦଳିତ ଦୁର୍ଗତି ।''
''ଇଷ୍ଟଗୁରୁ ପୁରୁଷୋତ୍ତମ ପ୍ରତୀକ ଗୁରୁ ବଂଶଧର
ରେତ—ଶରୀରେ ସୁପ୍ତ ରହି ଜୀବନ୍ତ ସେ ନିରନ୍ତର ।''
''ଇଷ୍ଟଭୃତି ଇଷ୍ଟଙ୍କୁ ହିଁ ଦିଅ କରନା ସେଥିରେ ବଞ୍ଚନା
ଅନ୍ୟକୁ ତା' ଦେଲେ ହିଁ ଜାଣିଥା ଆସିବ ବିପାକ ଗଞ୍ଜନା ।''
''ସବୁ ଦେବାକୁ ତୁ କରିଲୁ ଗୁରୁ ପାଇବାକୁ ପରିତ୍ରାଣ,
ଦେବାବେଳକୁ କିଛି ଇ ନାହିଁ ନେବାକୁ ଲେଲିହାନ ॥''

କତିପୟ ସଙ୍ଗୀତ

''ଆର୍ଯ୍ୟ ଭାରତ ବର୍ଷ ଆମାର
ଜ୍ଞାନ- ଗରିମା-ଗରବିନୀ !
ଦ୍ୟୁତି ପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା
ଦ୍ୟୁଲୋକ ଦୀପକ ମାଳିନୀ ।
ରକ୍ତତପନ କ୍ଷିପ୍ତ ଆଲୋକ
ରଶ୍ମି ପୁଲକ ଝଲକ-ଝଲକ

ଦୀପ୍ତରିକ୍ତ ପାବକ ଅନଘ
ମୃତ୍ୟୁ-ବିଜୟଦାୟିନୀ ।

ନଭୋମଣ୍ଡଳେ ସାମ-ଗୀତିକା
ନାଚେ ଦୋଦୁଲେ ତାରା ବାଳିକା
ଥିର ଚଞ୍ଚଳ କତ ଛଳିକା
ଅମର ଛନ୍ଦେ ପ୍ରଣବ ଲିଖା
ଋଷିମାନସ ଋକ୍ ପ୍ରତୀକା
ପ୍ରଜ୍ଞାପୂରକ ଜ୍ୟୋତିଷ ଶିଖା
ଦୁରିତ ଦାପଟ ବିନାୟିନୀ ।

ହୋମେର ଅନଳ ନାଚେ ଛଳଛଳ
ବହେ ସରସ୍ୱତୀ ସିନ୍ଧୁ ପ୍ରବଳ
ଦୃଶଦ୍ୱତୀ ଦିଲ ଅର୍ଘ୍ୟ ଆଁଚଲ
ସ୍ଫୁରିତ ଇନ୍ଦୁ ସ୍ମିତ ଢଳ-ଢଳ
ଚଲେ ଭାଗୀରଥୀ ଡାକେ କଲ-କଲ
ସାଗର-ଧୌତ ଚରଣ-ଯୁଗଳ
ତୁଙ୍ଗ ଧବଳ କିରୀଟିନୀ ।

ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର
ପୁରୁଷୋତ୍ତମ ଚିର ଅତନ୍ଦ୍ର
ଜାଗେ ଆହ୍ୱାନ ବିପୁଳ.ମନ୍ଦ୍ର
ଅମର ଲପନା ଜୀବନ ସାନ୍ଦ୍ର
ଆର୍ଯ୍ୟଗରିମା ଗଭୀର ମନ୍ତ
ଛଳକି' ସତ୍ତା ଏକଟି ତନ୍ତ
ଭାରତ ବିଶ୍ୱ ରତାୟିନୀ ।''

—ଶ୍ରୀଶ୍ରୀଠାକୁର

ପ୍ରଭାତ ଯାମିନୀ ଉଦିତ ଦିନମଣି
ଉଷାରାଣୀ ହାସିମୁଖେ ଚାୟରେ ।
ଜାଗି ବିହଗ ସବ ତୁଲି ନାନା କଲରବ
ରାଧା ରାଧା ରାଧାସ୍ୱାମୀ ଗାୟରେ ।।
ନବୀନ ବୃନ୍ଦାବନେ ତୁଲସୀ କାନନେ
ଭ୍ରମରୀ ରାଧାସ୍ୱାମୀ ଗାୟ ରେ ।
ସେଇ ସେ ମଧୁର ଗାନ ବାଁଶୀତେ ତୁଲିୟେ ତାନ
ଆପନି ଯେ ରାଧାସ୍ୱାମୀ ଗାୟରେ ।।
ଯେ-ନାମେ ନନ୍ଦେର କାନୁ ସେଧେଛିଲ ମୋହନ ବେଣୁ
ସେଇ ରାଧା ରାଧା ନାମ ଗାଓରେ ।।

ଆଜି ମଧୁ ଜାଗରଣ ଶୁନ ସବେ ନରଗଣ
ଜୟ ଜୟ ରାଧାସ୍ୱାମୀ ଗାଓରେ ॥
ମଥିଯା ସକଲ ତନ୍ତ୍ର ରାଧାସ୍ୱାମୀ ମହାମନ୍ତ୍ର
ଆଦିଗୁରୁ ଜଗତେ ବିଲାୟ ରେ ॥
ରାଧାସ୍ୱାମୀ ଗୁଣଗାନେ ଆନନ୍ଦ ବାଡ଼ିବେ ପ୍ରାଣେ
ଚରମେ ପରମ ଗତି ହୟରେ ॥
ରୋଗ-ଶୋକ-ବ୍ୟାଧି-ଜରା ଦୂରେ ପାଲାବେ ତାରା
ଆନନ୍ଦେ ରାଧାସ୍ୱାମୀ ଗାଓରେ ॥
ଜୟ ରାଧାସ୍ୱାମୀ ଜୟ ରାଧାସ୍ୱାମୀ
ଜୟ ଜୟ ରାଧାସ୍ୱାମୀ ଗାଓରେ ॥

—ଶ୍ରୀଶ୍ରୀମା

ତୋମାର ରଙ୍ଗେ ହୃଦୟ ଆମାର ରାଙ୍ଗା,
ତୋମାୟ ବିଦାୟ ଦେବୋ କେମନ କ'ରେ !
ବିଶ୍ୱଭୁବନ ତୋମାର ସୁରେ ବାଁଧା,—
ସେ' ସୁରେ ମୋର ଚିତ୍ତ ଆଛେ ଭ'ରେ ॥
ରୂପେ ତୋମାର ମୁଗ୍ଧ ଆଁଖି-ତାରା,
ରସେ ତୋମାର ଆକାଶ-ବାତାସ ଭରା,
ଗନ୍ଧେ ତୋମାର ହିଲ୍ଲୋଲିତ ଧରା,
ପରଶେ ମୋର ତନୁ ଥରଥରେ ॥

ତୋମାର ଲାଗି ଦିବା ନିଶି ଜାଗା,
ତୁମି ଯେ ମୋର ସକଲ ଚାଓୟା-ପାଓୟା
ତୋମାୟ ବିନା ସକଲ ଚାଓୟା ଫାଁକା,
ହୃଦୟ ଆମାର କାଁଦେ ତୋମାର ତରେ ॥
ତୁମି ଆମାର ବେଁଚେ ଥାକାର ଆଶା
ତୁମି ଆମାର ସକଲ କାଜେର ଦିଶା
ଦୁଃଖ-ଦୈନ୍ୟ ନେଇକୋ ହତାଶା
ପ୍ରଭୁ, ତୁମି ଆଛୋ ହୃଦୟ ଜୁଡ଼େ ॥

—ଶ୍ରୀଶ୍ରୀବଡ଼ଦା

SATSANG & DEOGHAR DISTRICT

	JAN	FEB	MAR
Mor	06:27	06:15	05:50
